# ରଥ ଛୁଇଁପାରିଲେନି ଭକ୍ତ

## କାର୍ଯ୍ୟକାରୀ ହେଲାନି ପରିଚାଳନା କମିଟି ନିଷ୍ପତ୍ତି

ପୁରୀ ଅଫିସ,୮।୭

ମହାପ୍ରଭୁ ରଥରୁ ଓହ୍ଲାଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିବା ପରେ ସିଂହଦ୍ୱାର ସମ୍ମୁଖରେ ତିନି ରଥ ଦଣ୍ଡାୟମାନ ହୋଇ ରୁହେ। ଅନେକ ଭକ୍ତ ମହାପ୍ରଭୁଙ୍କ ରଥକୁ ସ୍ପର୍ଶ କରିବାର ଇଚ୍ଛା ନେଇ ଶ୍ରୀକ୍ଷେତ୍ର ଆସନ୍ତି। ସେହିଭଳି ମହାପ୍ରଭୁ ରଥରେ ବିରାଜମାନ ନ ଥିବା ବେଳେ ରଥକୁ ସ୍ପର୍ଶ ନ କରିବା କଟକଣା ମଧ୍ୟ ନାହିଁ। ମାତ୍ର ପ୍ରଶାସନ ଚଳିତ ବର୍ଷ କାହାରିକୁ ରଥ ସ୍ପର୍ଶ କରାଇବାକୁ ଦେଇନାହିଁ। ଭକ୍ତ ଓ ରଥ ମଧ୍ୟରେ ପ୍ରଶାସନ ବାଧକ ସାଜିଛି। ସୂଚନାଯୋଗ୍ୟ, ଚଳିତ ରଥଯାତ୍ରା ପରିଚାଳନା କମିଟିରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମହାପ୍ରଭୁ ରଥାରୂଢ଼ ହୋଇ ନ ଥିବା ବେଳେ ଭକ୍ତ ରଥକୁ ଛୁଇଁପାରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ପ୍ରଶାସନ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିନାହିଁ।


ଶରଧାବାଲିରେ ଥିବା ୩ ରଥ

ରଥ ଚାରିପଟେ ବ୍ୟାରିକେଡ୍ କରାଯିବା ସହ ପୋଲିସ ମୁତୟନ କରାଯାଇଛି। ଭକ୍ତଙ୍କୁ ରଥକୁ ଛୁଇଁବାକୁ ଦିଆଯାଇନାହିଁ। ଅନ୍ୟପକ୍ଷରେ ଭିଭିଆଇପି ଏବଂ ଭିଆଇପି ରଥ ଛୁଉଁଥିବା ଦେଖିବାକୁ ମିଳିଥିଲା। ଭକ୍ତ ସରୋଜିନୀ ମାର୍ଥା କହିଛନ୍ତି, ଶରଧାବାଲିରେ ତିନିରଥ ଅଟକିବା ପରେ ଏହା ସମସ୍ତଙ୍କର। ତେଣୁ ରଥ ଛୁଇଁବାକୁ ପ୍ରଶାସନ ଅନୁମତି ଦେବା କଥା। ପୂର୍ବରୁ ରଥଯାତ୍ରା ବେଳେ ରଥ ଛୁଇଁଛୁ, ମାତ୍ର ଏବେ କାହିଁକି ବାରଣ କରାଯାଇଛି ତାହା ଜଣାନାହିଁ। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଲୋକଙ୍କୁ ରଥ ଛୁଇଁବାକୁ ଅନୁମତି ଦେବାକୁ ଦାବି କରି ପୁରୀର ସାମାଜିକ କର୍ମୀ ବଦ୍ରି ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏ ନେଇ ଜିଲା ପ୍ରଶାସନ ବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା।

## ସଂକ୍ଷେପରେ

### ରାସ୍ତାରେ ବୁଲୁଛି ଦନ୍ତା ରାମୁ



ବାରଙ୍ଗ,୮।୭ (ଡି.ଏନ୍.ଏ.)
କିଛିଦିନର ବ୍ୟବଧାନ ପରେ ପୁଣି ଦନ୍ତା ହାତୀ ରାମୁ ଉତ୍ପାତ ଦେଖିବାକୁ ମିଳିଛି। ଗୁରୁବାର ସନ୍ଧ୍ୟାରେ ଦନ୍ତା ରାମୁ ସ୍ଥାନୀୟ ଜଙ୍ଗଲରୁ ବାହାରି ଉତ୍ପାତ ଆରମ୍ଭ କରିଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ଅନ୍ଧାରୁଆ ଗାଁ ମୁଣ୍ଡରେ ପଶିଯାଇଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖବରପାଇ ବନବିଭାଗର କର୍ମଚାରୀମାନେ ଆସି ରାମୁକୁ ଘଉଡାଇବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ତେବେ ରାମୁ ଗ୍ରାମ ରାସ୍ତାକଡରେ ପ୍ରାୟ ୨ ଘଣ୍ଟା କାଳ ରହିଥିବାରୁ ଚନ୍ଦକା-ଖଣ୍ଡଗିରି ରାସ୍ତାରେ ଯାତାୟାତ ଠପ ହୋଇଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ ମଧ ଭୟ କରି ଆଗକୁ ବଢ଼ି ନ ଥିଲେ। ତେବେ ରାମୁକୁ ବନବିଭାଗ ଜଙ୍ଗଲକୁ ଫେରାଇ ନେଇବାକୁ ଉଦ୍ୟମ କରିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଚନ୍ଦକା-ଖଣ୍ଡଗିରି ରାସ୍ତାରେ ଜଗିରହିଛନ୍ତି।

### ଜୟଦେବ ବିହାରରେ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା

ଭୁବନେଶ୍ୱର,୮।୭(ବ୍ୟୁରୋ)
ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଜୟଦେବ ବିହାର ଲେନ୍ ନଂ-୫୦ରେ ପଞ୍ଚମୁଖୀ ହନୁମାନ ମନ୍ଦିର ସ୍ଥାପନ କରାଯାଇଛି। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ରତ୍ନମୁଦ, ଅଙ୍କୁରାରୋପଣ, କଳସ ଯାତ୍ରା ଓ କର୍ମାରମ୍ଭ, ବିଗ୍ରହ ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିଥିଲା। ଭୁବନେଶ୍ୱରର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଉପମେୟର ମଞ୍ଜୁଲତା କହ୍ନର, ୨୬ ନମ୍ବର ୱାର୍ଡର କର୍ପୋରେଟର ଭାରତୀ ସିଂ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଜାତୀୟ ସାମ୍ବାଦିକ କଲ୍ୟାଣବୋର୍ଡର ସାଧାରଣ ସମ୍ପାଦକ ସନତ ମିଶ୍ର, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଜୟଦେବ ବିହାର ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ ପ୍ରମୁଖ ଯୋଗଦେଇ ଜୟଦେବ ବିହାର ବାସିନ୍ଦାଙ୍କ ଏଭଳି ଉଦ୍ୟମର ଉଚ୍ଚପ୍ରଶଂସା କରିଥିଲେ। ପରିଷଦ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଯଶୋବନ୍ତ ବେହେରାଙ୍କୁ ମନ୍ଦିର ନିର୍ମାଣ ଶିଳ୍ପୀ ସମ୍ମାନ, ରାଜଶ୍ରୀ ରଥଙ୍କୁ ଧର୍ମପରାୟଣା ମହିଳା ସମ୍ମାନ, ଯୁଧିଷ୍ଠିର ସାହୁଙ୍କୁ ସମାଜସେବୀ ସମ୍ମାନ, ଡାକ୍ତର ସୁରେନ୍ଦ୍ର ନାଥ ସ୍ୱାଇଁ ଓ ଗଙ୍ଗାଧର ବେହେରାଙ୍କୁ କୋଭିଡ୍ ଯୋଦ୍ଧା ସମ୍ମାନ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କୁ ସ୍ୱେଚ୍ଛାସେବୀ ସମ୍ମାନ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକଙ୍କୁ କଣ୍ଠଶିଳ୍ପୀ ସମ୍ମାନ, ଡ. ଶକ୍ତିରାଜ ଜାମୁଲାଙ୍କୁ ଧର୍ମପରାୟଣ ବ୍ୟକ୍ତି ସମ୍ମାନ, ବିଜୟ କୁମାର ତ୍ରିପାଠୀଙ୍କୁ ବିଶିଷ୍ଟ ଲେଖକ ସମ୍ମାନ, ମନୋଜ ରଥ, ସିଦ୍ଧାର୍ଥ ଶେଖର ମହାପାତ୍ର, ମହେଶ୍ୱର ଶତପଥୀ ଓ ଦୁଃଶାସନ ସାହୁଙ୍କୁ ଧର୍ମପରାୟଣ ବ୍ୟକ୍ତି ସମ୍ମାନ, ଧୀରେନ୍ଦ୍ର କୁମାର ଦାଶଙ୍କୁ ଧର୍ମ ପ୍ରଚାରକ ସମ୍ମାନ ପ୍ରମୁଖ ୧୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ମନ୍ଦିର ନିର୍ମାଣରେ ସହଯୋଗ କରିଥିବା ୧୧ଜଣଙ୍କୁ ସମ୍ମାନିତ କରାଯାଇଥିଲା।

# ଗୁଣ୍ଡିଚା ମନ୍ଦିର ଫଟୋ ଭାଇରାଲ

## ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ, ୮।୭

କିଛି ଦିନ ତଳେ ଶ୍ରୀମନ୍ଦିର ଭିତର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଶୁକ୍ରବାର ସୋସିଆଲ ମିଡିଆରେ ଶ୍ରୀଗୁଣ୍ଡିଚା ମନ୍ଦିର ଓ ଭିତର ବେଢ଼ା ଫଟୋ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ସେହିପରି ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏଭଳି ଘଟଣାକୁ ଗୁରୁତ୍ୱର ସହ ନେଉ ନ ଥିବା ଅଭିଯୋଗ ହେଉଛି। ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଭକ୍ତଙ୍କ ତଲାସି ନିଆଯାଇ ମନ୍ଦିରକୁ ପ୍ରବେଶ ଅନୁମତି ଦିଆଯାଉଛି। ସେହିପରି ବ୍ୟାପକ ପୋଲିସ ଫୋର୍ସ



ମୁତୟନ କରାଯାଇଛି। ଏହାସତ୍ତ୍ୱେ କିଏ ମୋବାଇଲ ଫୋନ ଦ୍ୱାରା ଶ୍ରୀଗୁଣ୍ଡିଚା ମନ୍ଦିରର ଫଟୋ ଉଠାଇଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ ଦାବି କରାଯାଇଛି।

# ଭିଜିଲାନ୍ସ ଜାଲରେ କଳାପଦର ଏଆର୍ଆଇ

କଣାସ,୮।୭(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମପଞ୍ଚାୟତର କଳାପଦର ଗ୍ରାମର ଅତିରିକ୍ତ ରାଜସ୍ୱ ନିରୀକ୍ଷକ (ଏଆର୍ଆଇ) ରଞ୍ଜନ ମଲ୍ଲିକ ଲାଞ୍ଚ ନେଉଥିବାବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଏନେଇ କେସ୍ ନଂ. ୧୮/୨୦୨୨ୟୁ.ଏସ୍ ୭ପି.ସି ଆମେଣ୍ଡମେଣ୍ଟ ଆକ୍ଟ ୨୦୧୮ରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଦୀର୍ଘଦିନ ହେବ କଳାପଦର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚୁପୁରିଙ୍ଗି ଗ୍ରାମରେ ଏକ ଅସ୍ଥାୟୀ ଘରେ କାର୍ଯ୍ୟ କରୁଛି। ଏଆର୍ଆଇ ଭାବେ କାର୍ଯ୍ୟ କରୁଥିବା ରଞ୍ଜନଙ୍କ ଜଙ୍ଘାର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲା। ହେଲେ ସେ ସେଠାକୁ ନ ଯାଇ ପୁରାତନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଚୁପୁରିଙ୍ଗି ଗ୍ରାମର ଜଣେ ବ୍ୟକ୍ତିଙ୍କ ଫନି ବାତ୍ୟାରେ ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ସୁପାରିସ କରିବା ପାଇଁ ତାଙ୍କଠାରୁ ରଞ୍ଜନ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଉକ୍ତ ବ୍ୟକ୍ତି ଲାଞ୍ଚ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ବିଭାଗ ସହ ଯୋଗାଯୋଗ କରି ସେମାନଙ୍କଠାରୁ କେମିକାଲ ଦିଆ ନୋଟ୍ ଆଣି ରଞ୍ଜନଙ୍କୁ ଦେଇଥିଲେ। ସେହି ସମୟରେ ପୂର୍ବରୁ ଲୁଚି ରହିଥିବା ଭୁବନେଶ୍ୱର ଭିଜିଲାନ୍ସ କର୍ମଚାରୀମାନେ ଉକ୍ତ ଟଙ୍କାକୁ ଜବତ କରିବା ସହିତ ଏଆର୍ଆଇଙ୍କୁ ଗିରଫ କରିଥିଲେ। ପୂର୍ବରୁ


ରଞ୍ଜନ ମଲ୍ଲିକ

କଣାସ ବ୍ଲକରେ ଫନି ସମୟରେ ରାଜସ୍ୱ ନିରୀକ୍ଷକମାନେ ଶହ ଶହ ପକ୍କାଘର ଥିବା ଲୋକଙ୍କଠାରୁ ଲାଞ୍ଚ ନେଇ ୯୫ ହଜାର ଟଙ୍କା ସହାୟତା କରିଥିବା ଅଞ୍ଚଳବାସୀ ବାରମ୍ବାର ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିଥିଲେ।

# ବାପା, ଆଇ ମିସ୍ ୟୁ...



ଏସ୍ଆଇଏଫ୍ଏଫ୍ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରୁ ବାହାରିଥିବା 'ହୋପ୍ ୱାକ୍ ଫର୍ ପୁରୀ' ପଦଯାତ୍ରା ।

## ଏସ୍ଆଇଏଫ୍ଏଫ୍ ପକ୍ଷରୁ 'ହୋପ୍ ୱାକ୍ ଫର୍ ପୁରୀ'

ଭୁବନେଶ୍ୱର, ୮।୭(ବ୍ୟୁରୋ)

ବାପା ତୁମେ କେଉଁଠାରେ ଅଛ, ବାପା ଆଇ ମିସ୍ ୟୁ, ମହାପ୍ରଭୁ ଆମ ପିଲା କେବେ ଫେରିବେ...। ପବିତ୍ର ବାହୁଡ଼ା ଯାତ୍ରାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ସେଭ୍ ଇଣ୍ଡିଆନ୍ ଫ୍ୟାମିଲି ଫାଉଣ୍ଡେଶନ (ଏସ୍ଆଇଏଫ୍ଏଫ୍) ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନରୁ ଏକ ପଦଯାତ୍ରା 'ହୋପ୍ ୱାକ୍ ଫର୍ ପୁରୀ' ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲା। ପଦଯାତ୍ରାକାରୀଙ୍କ ହାତରେ ଥିଲା ପ୍ଲାକାର୍ଡ, ଯେଉଁଥିରେ ବାପା ଓ ପିଲାଙ୍କୁ ନେଇ ଲେଖାଥିଲା ଏଭଳି କିଛି କଥା। ପୁରୁଷଙ୍କ ଅଧିକାରକୁ ନେଇ ଭାବବିହ୍ୱଳିତ ସ୍ଲୋଗାନ ଲୋକଙ୍କ ମନରେ ସଚେତନତା ସୃଷ୍ଟି କରିଥିଲା। ଏଥିସହ ଦେବମ୍, ଆର୍ଯ୍ୟ, ଇଜିଆନ୍ଙ୍କ ଭଳି ବାପାଙ୍କୁ ଝୁରି ହେଉଥିବା ଶିଶୁଙ୍କୁ ନ୍ୟାୟ ଦାବିକୁ ବ୍ୟାପକ କରିଥିଲା।

୮ଜଣ ବାପା ମିଶି ଏହି ଅଭିନବ ଅଭିଯାନ ଆରମ୍ଭ କରିଛନ୍ତି। ସେମାନଙ୍କ କହିବା କଥା, ବିବାହ ପରେ ପୁରୁଷମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପ୍ରତ୍ୟେକ ବର୍ଷ ପାଖାପାଖି ୨୨ହଜାର ପୁରୁଷ ବୈବାହିକ ଅଶାନ୍ତି ପାଇଁ ଆତ୍ମହତ୍ୟା କରିଥାନ୍ତି। ଛାଡ଼ପତ୍ର ପରେ ଶିଶୁଟି ତା' ବାପା ପାଖେ ନ ରହି ମା' ପାଖରେ ରହିଥାଏ। ଏହାଦ୍ୱାରା ପିଲାଟିଏ ନିଜ ବାପାକୁ ଖୋଜିବା ସହ ବାପା ମଧ ପୁଅକୁ ଖୋଜିଥାନ୍ତି। ତେଣୁ ଏହି ସାମାଜିକ ପରିସ୍ଥିତିର ସୁଧାର ପାଇଁ ଏଭଳି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିଛି ଏସ୍ଆଇଏଫ୍ଏଫ୍। ଏକକ ଅଭିଭାବକ ଦ୍ୱାରା ପିଲାମାନେ କିଭଳି ଅସୁବିଧା ଭୋଗ କରିଥାଏ ଓ ସେମାନେ କିପରି ଉଭୟଙ୍କ ପାଖରେ ସମୟ ବିତାଇ ପାରିବେ ସେନେଇ ଏଭଳି ପ୍ରୟାସ ଆରମ୍ଭ କରିଛନ୍ତି ଆୟୋଜକ। ଏଥିସହ ସେମାନେ ୨ଟି ଦାବି ରଖିଛନ୍ତି। ପ୍ରଥମତଃ, ପିଲାଟି ବାପାଙ୍କ ସହ ସମାନ ସମୟ ବିତାଇବେ, ଯେତିକି ମା'ମାନଙ୍କ ସହ ବିତାଉଛନ୍ତି। ଦ୍ୱିତୀୟତଃ, ପିଲାଙ୍କ ଲାଳନପାଳନ ଓ ଉନ୍ନତିରେ ବାପାମାନେ ସମାନ ଭାବେ ଜଡ଼ିତ ରହିପାରିବେ। ସୂଚନାଯୋଗ୍ୟ, ଏହି ଫାଉଣ୍ଡେଶନ ଦୀର୍ଘ ୧୭ବର୍ଷ ଧରି ପୁରୁଷଙ୍କ ଅଧିକାର ନିମନ୍ତେ କାର୍ଯ୍ୟକରି ଆସୁଛି।

# ବ୍ରାଉନସୁଗାର ଖାଇବାକୁ ଲୁଟୁଥିଲେ ଟଙ୍କା

ଭୁବନେଶ୍ୱର,୮।୭(ବ୍ୟୁରୋ)

ବ୍ରାଉନସୁଗାର ଖାଇବାକୁ କରୁଥିଲେ ଲୁଟ୍। ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଯାହା ପାରୁଥିଲେ ଛଡ଼ାଇ ନେଉଥିଲେ। ଏନେଇ ଖଣ୍ଡଗିରିଥାନାରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ୨ ଜଣଙ୍କୁ ଗିରଫକରିଛି । ସେମାନେ ହେଲେ ଖୋର୍ଦ୍ଧା ଜିଲାର ବିବେକ ପଟ୍ଟନାୟକ ଓରଫ ସନୁ (୨୭) ଓ ଆଶ୍ରୟର ଅହମ୍ମଦ ଖାନ୍ (୨୫)। ସେମାନଙ୍କଠାରୁ ନଗଦ ୪ ହଜାର ଟଙ୍କା ଓ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ଲୁଟ କରିଥିବା ଟଙ୍କାରୁ ୬ ହଜାର ଟଙ୍କା ବ୍ରାଉନସୁଗାର ସେବନରେ ଖର୍ଚ୍ଚ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି । ତେବେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି । ଅଭିଯୋଗକାରୀ ଏକ ପିକଅପ୍ ଭ୍ୟାନରେ ଜଣେ ହେଲପରଙ୍କ ସହ ଜାଗମରା ଗାଁକୁ ସାମଗ୍ରୀ ଧରି ଆସିଥିଲେ। ଡେଲିଭରୀ ଦେଇ ଜାତୀୟ ରାଜପଥ-୧୬ରେ ଫେରୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ସେମାନଙ୍କୁ ଅଟକାଇ ୧୦ ହଜାର ୯୦୦ ଟଙ୍କା ଛଡାଇ ନେଇ ଫେରାର ହୋଇଯାଇଥିଲେ।

# ଏମ୍ଏଲ୍ୟୁରେ କୋଭିଡ୍ ସ୍ଥିତି ସମୀକ୍ଷା କଲେ ମେୟର

କଟକ ଅଫିସ, ୮।୭

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ (ଏମ୍ଏଲ୍ୟୁ)ରେ ସିଏମ୍ସି ମେୟର ସୁବାସ ସିଂ ଶୁକ୍ରବାର କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟର ଏକାଧିକ ଅଧ୍ୟାପକ କୋଭିଡ୍ ଆକ୍ରାନ୍ତ ହେବା ପରେ ଗୁରୁବାର ଛାତ୍ରୀଛାତ୍ରମାନେ ପରୀକ୍ଷା ବର୍ଜନ କରିଥିଲେ। ପରେ ସେମାନେ ସମସ୍ୟା ସମ୍ପର୍କରେ ମେୟରଙ୍କୁ ଜଣାଇଥିଲେ। ଶୁକ୍ରବାର ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଚାଲୁଥିବାବେଳେ ମେୟର ସିଂ ଓ ସିଏମ୍ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପହଞ୍ଚି କୋଭିଡ୍ ସ୍ଥିତି ସମୀକ୍ଷା କରିଥିଲେ। ପ୍ରତିଦିନ ପରୀକ୍ଷା ସରିବା ପରେ ହଲ୍‌କୁ ସାନିଟାଇଜ କରିବା ପାଇଁ ମେୟର କହିଥିଲେ। ଏହି ପରିଦର୍ଶନ ସମୟରେ ଅଧ୍ୟକ୍ଷ ସୁକାନ୍ତ କୁମାର ନନ୍ଦ, ରାଜୀବ ମହାନ୍ତିଙ୍କ ସମେତ ଅଧ୍ୟାପିକାଅଧ୍ୟାପକମାନେ ଉପସ୍ଥିତ ଥିଲେ।



ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶୁକ୍ରବାର ପୁରୀ ବେଳାଭୂମିରେ ବାଲୁକା କଳାରେ ଜାପାନର ଦିବଙ୍ଗତ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

# ଭାରତ ଓ ଲାଓସ୍‌ର ସାଂସ୍କୃତିକ ସହଯୋଗ ବୃଦ୍ଧି ହେବ

## ଇସ୍‌କଫ୍-ଲିଫା ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ

କଟକ ଅଫିସ, ୮।୭

ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସ୍‌କଫ) ଏବଂ ଲିଫା (ଲାଓ-ଭାରତ ମୈତ୍ରୀ ସଂଘ) ମଧ୍ୟରେ ୫ ବର୍ଷୀୟା ବୁଝାମଣାପତ୍ର(ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଭାରତ ଏବଂ ଲାଓସ୍ ଜନସାଧାରଣଙ୍କ ମଧ୍ୟରେ ମୈତ୍ରୀ ଓ ସାଂସ୍କୃତିକ ସହଯୋଗ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବା ନିମନ୍ତେ ଏହି ଏମ୍ଓୟୁ ସ୍ୱାକ୍ଷରିତ କରାଯାଇଛି। ମୈତ୍ରୀ ଚୁକ୍ତି ସମ୍ପାଦନ ଉତ୍ସବରେ ଲାଓସ୍‌ରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଉପସ୍ଥିତ ଥିଲେ। ଇସ୍‌କଫର ସାଧାରଣ ସମ୍ପାଦକ ତଥା କଟକ ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢିହାରୀ ଏକ ସର୍ବଭାରତୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇ ଲାଓସ୍ ଯାତ୍ରା କରିଥିଲେ। ପଢିହାରୀଙ୍କ ଏହି ଯାତ୍ରା ସମୟରେ ଇସ୍‌କଫ ଓ ଲିଫା ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ପୂର୍ବରୁ ଲାଓସ୍‌ର ବୈଦେଶିକ ମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ସହ ପଢିହାରୀ ଆଲୋଚନା କରିଥିଲେ।

# 'ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ମହୋତ୍ସବ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୮।୭(ବ୍ୟୁରୋ)



ପବିତ୍ର ସନ୍ଧ୍ୟାଦର୍ଶନ ଅବସରରେ ଲୋକସମ୍ପର୍କ ଭବନରେ ଶୁକ୍ରବାର ରଥଯାତ୍ରାର ମହତ୍ତ୍ୱ ଓ ବିଭିନ୍ନ ତଥ୍ୟ ସମ୍ବଳିତ 'ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ମହୋତ୍ସବ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ମହାବିଗ୍ରହ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏକ ବିଶ୍ୱପ୍ରସିଦ୍ଧ ଆଧ୍ୟାତ୍ମିକ ମହାପର୍ବ। ରଥଯାତ୍ରା ସମ୍ପର୍କରେ ଗବେଷଣା, ଅଧ୍ୟୟନ ଓ ଆଲୋଚନା ଅବ୍ୟାହତ ରହିଥିବାବେଳେ ଉକ୍ତ ଗ୍ରନ୍ଥଟି ସେହି କ୍ରମରେ ଏକ ଚମତ୍କାର ସଂଯୋଜନା ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଡ. ଲେନିନ୍ ମହାନ୍ତି ପୁସ୍ତକର ଲୋକାର୍ପଣ ଅବସରରେ କହିଛନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରାର ବିଭିନ୍ନ ବିଭବ ନେଇ ୨୬ଜଣ ବୁଦ୍ଧିଜୀବୀ ଓ ଗବେଷକଙ୍କ ଉପାଦେୟ ଆଲେଖ୍ୟରେ ସମୃଦ୍ଧ ଏହି ପୁସ୍ତକଟି ବିଶିଷ୍ଟ ଜଗନ୍ନାଥ ଗବେଷକ ଡ. ଭାସ୍କର ମିଶ୍ର, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଶାନ୍ତ ଦାଶ ଓ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଅଭୟ ଚରଣ ରାଉତଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ପୁସ୍ତକର ସମ୍ପାଦକବୃନ୍ଦ ବକ୍ତବ୍ୟ ରଖି ଏପରି ପ୍ରକାଶନ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ସମ୍ପର୍କରେ ତଥ୍ୟ ଓ ଶାସ୍ତ୍ରୀୟ ଉପସ୍ଥାପନକୁ ବ୍ୟାପକ କରିବାରେ ସହାୟକ ହେବ ବୋଲି ଆଶା ପ୍ରକଟ କରିଥିଲେ। ଶ୍ରୀ ପୁରୁଷୋତ୍ତମ ସଦ୍‌ଗ୍ରନ୍ଥାଳୟ ପ୍ରକାଶିତ ୩୮୬ ପୃଷ୍ଠାର ଏହି ପୁସ୍ତକଟିର ପ୍ରଥମ କପି ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଧିଷ୍ଠିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ସମର୍ପିତ ହୋଇଛି। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସରକାରୀ ଅଧିକାରୀ ଉପସ୍ଥିତ ଥିବାବେଳେ ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ।

# ମହାପ୍ରଭୁଙ୍କ ପାଇଁ ଗଢ଼ାସରିଛି ଅଧର ହାଣ୍ଡି

ପୁରୀ ଅଫିସ, ୮।୭:

ନବଦିନାତ୍ମକ ଘୋଷଯାତ୍ରାରେ ବାହାରି ଦାରୁଦିଅଁ ଏବେ ଆଡ଼ପମଣ୍ଡପରେ ଲୀଳା କରୁଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ଆଷାଢ଼ ଶୁକ୍ଳ ଦଶମୀ ତିଥି ଶନିବାର ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ। ଏକାଦଶୀ ତିଥିରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଓ ଦ୍ୱାଦଶୀ ତିଥିରେ ଅଧରପଣା ନୀତି ଅନୁଷ୍ଠିତ ହେବ। ତେତିଶ କୋଟି ଦେବଦେବୀଙ୍କ ସମେତ ଗନ୍ଧର୍ବ, କିନ୍ନର, ଯକ୍ଷ, ରକ୍ଷ, ଭୂତ, ପ୍ରେତ, ଚଣ୍ଡୀ ଚାମୁଣ୍ଡା, ରଥରେ ଅଧିଷ୍ଠିତ ପାର୍ଶ୍ୱ ଦେବଦେବୀ ଆଦି ଅଶରୀରମାନଙ୍କ ଉଦ୍ଦେଶ୍ୟରେ ଏହି ଅଧରପଣା ପ୍ରଦାନ କରାଯାଇଥାଏ। ଏମାନେ ରଥରେ ଅଦୃଶ୍ୟ ଭାବେ ରହି ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଅଧରପଣା ସେବନ ପୂର୍ବକ ଆତ୍ମସନ୍ତୋଷ ଲାଭ କରି ସ୍ୱସ୍ଥାନକୁ ଫେରିଯାଇଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ନୀତିରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଅଧରଚୁମ୍ବିତ ହେଲାପରି ତିନୋଟି ଲେଖାଏ ମାଟିହାଣ୍ଡି ରଖାଯାଏ। ଏଗୁଡ଼ିକୁ କୁମ୍ଭାର ସେବକମାନେ ତିଆରି କରିଥାନ୍ତି। ତିନିରଥରେ ୩ଟି ହିସାବରେ ୯ଟି ହାଣ୍ଡି ଆବଶ୍ୟକ ପଡ଼େ। ତେବେ କୁମ୍ଭକାରଙ୍କ ପକ୍ଷରୁ ଗୋଟିଏ ଅଧିକ ହାଣ୍ଡି ନିର୍ମାଣ କରାଯାଇଥାଏ। ୧୦ଟି ହାଣ୍ଡି ରଥ ନିକଟରେ ରଖାଯାଇଥାଏ। ଯଦି କୌଣସି ହାଣ୍ଡିରେ ତ୍ରୁଟି ଦେଖାଦିଏ ତତ୍‌କ୍ଷଣାତ୍ ତାହାକୁ ବଦଳାଇ ଦିଆଯାଏ। ତେବେ ଶ୍ରୀଜଗନ୍ନାଥ ମନ୍ଦିରର ଅଧିକାଂଶ ରୀତିନୀତି ଓ ଯାନିଯାତ୍ରା ସହିତ ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକର ସମ୍ପର୍କ ବହୁ ପ୍ରାଚୀନ କାଳରୁ ରହିଆସିଛି। ଅଧରପଣା ନୀତିରେ ମଧ୍ୟ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ନୀତି ନିମନ୍ତେ ହାଣ୍ଡି ଯୋଗାଇ ଦିଆଯାଇଥାଏ।



ହାଣ୍ଡିଗୁଡ଼ିକ ଶ୍ରୀବିଗ୍ରହମାନଙ୍କ ଅଧର ଛୁଇଁବା ପର୍ଯ୍ୟନ୍ତ ଉଚ୍ଚର ହୋଇଥାଏ। ତେଣୁ ହାଣ୍ଡିଗୁଡ଼ିକୁ ଅଧର ହାଣ୍ଡି ବୋଲି କୁହାଯାଏ। ଅଧର ହାଣ୍ଡି ନିର୍ମାଣ ସମ୍ପର୍କରେ କୁମ୍ଭକାର ନିଯୋଗର ସମ୍ପାଦକ ମହେନ୍ଦ୍ର କୁମାର ବିଶୋୟୀ କହିଛନ୍ତି, କୁମ୍ଭକାର ସେବକମାନେ ଶୁଦ୍ଧପୂତ ଭାବେ ଅକ୍ଷୟତୃତୀୟା ତିଥିରେ ଅଧରହାଣ୍ଡି ନିର୍ମାଣ ଆରମ୍ଭ କରିଥାନ୍ତି। ଏଥିପାଇଁ ୫ବସ୍ତା ମାଟି ଓ ୨ବସ୍ତା ବାଲି ଆବଶ୍ୟକ ହୋଇଥାଏ। ପ୍ରଥମେ ବାଲି ଓ ମାଟିକୁ ଉପଯୁକ୍ତ ପରିମାଣର ମିଶ୍ରଣ କରାଯାଇ ହାଣ୍ଡି ପାଇଁ ମାଟି ପ୍ରସ୍ତୁତ କରାଯାଏ। ପରେ ଉକ୍ତ ମାଟିକୁ ଚକରେ ପକାଯାଇ ଅଧର ହାଣ୍ଡି ଗଢ଼ାଯାଏ। ହାଣ୍ଡି ତିଆରି ପରେ ଖରାରେ ଶୁଖାଯାଏ। ଶୁଖିଯିବା ପରେ ହାଣ୍ଡିକୁ ଭାଟିରେ ପକାଯାଇ ପୋଡ଼ାଯାଏ। ଏହା ପରେ ଅଧର ହାଣ୍ଡି ପ୍ରସ୍ତୁତ ହୋଇଥାଏ। ହାଣ୍ଡିଗୁଡ଼ିକର ଉଚ୍ଚତା ପ୍ରାୟ ସାଢେ ୪ଫୁଟ୍‌ରୁ ୫ ଫୁଟ୍ ରହିଥାଏ। ସେହିପରି ଓସାର ୫ ଫୁଟ ୮ ଇଞ୍ଚ ହୋଇଥାଏ। ଅଧର ହାଣ୍ଡି ସହ ପାଣି ବୋହିବା ପାଇଁ ୩୦ଟି ଦାସିଆ ହାଣ୍ଡି ଓ ୫୦ଟି ଠେକ ହାଣ୍ଡି ଯୋଗାଇ ଦିଆଯାଏ। ଏହି ସେବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭକାରମାନଙ୍କୁ ଖେଇ ଦିଆଯାଏ। ମହାପ୍ରଭୁଙ୍କ କାମ କରିବାର ସୁଯୋଗ ମିଳିଥିବାରୁ କୁମ୍ଭକାର ସେବକମାନେ ନିଜକୁ ଧନ୍ୟ ମନେକରନ୍ତି।

**ଗଛ ରହିଲେ ମାନବ ସଭ୍ୟତା ବଞ୍ଚିବ**

ଡେଲାଙ୍ଗ, (ଡି.ଏନ୍.ଏ.)- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଏବିଇଓ ଯୁଧିଷ୍ଠିର ପରିଡା, ସ୍ଥାନୀୟ ସରପଞ୍ଚ ଦୀପକ କୁମାର ସାହୁ, ପ୍ରକୃତିବନ୍ଧୁ ସନ୍ତୋଷ କୁମାର ମହାନ୍ତି, ଅପର୍ଣ୍ଣା ମହାପାତ୍ର, ପରିବେଶ କର୍ମୀ ତଥା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମିଟୁ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୃକ୍ଷ ମାନବ ସମାଜ ପାଇଁ ନିହାତି ଆବଶ୍ୟକ। ଗଛ ରହିଲେ ମାନବ ସଭ୍ୟତା ବଞ୍ଚି ରହିବ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ସେହିପରି ରେଙ୍ଗାଲ ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବରକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୭।୨୦୨୨

| ୨,୫୩,୬୨୯ ଟଙ୍କା | |
|---|---|
| ସୁନା | ୧୦୦ ମିଲିଗ୍ରାମ |
| ରୁପା | ୯.୯୦୦ ଗ୍ରାମ |

# ରଥ ଛୁଇଁପାରିଲେନି ଭକ୍ତ

### କାର୍ଯ୍ୟକାରୀ ହେଲାନି ପରିଚାଳନା କମିଟି ନିଷ୍ପତ୍ତି

ପୁରୀ ଅଫିସ,୮।୭:

ମହାପ୍ରଭୁ ରଥରୁ ଓହ୍ଲାଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିବା ପରେ ସିଂହଦ୍ୱାର ସମ୍ମୁଖରେ ତିନି ରଥ ଦଣ୍ଡାୟମାନ ହୋଇ ରୁହେ। ଅନେକ ଭକ୍ତ ମହାପ୍ରଭୁଙ୍କ ରଥକୁ ସ୍ପର୍ଶ କରିବାର ଇଚ୍ଛା ନେଇ ଶ୍ରୀକ୍ଷେତ୍ର ଆସନ୍ତି। ସେହିଭଳି ମହାପ୍ରଭୁ ରଥରେ ବିରାଜମାନ ନ ଥିବା ବେଳେ ରଥକୁ ସ୍ପର୍ଶ ନ କରିବା କଟକଣା ମଧ୍ୟ ନାହିଁ। ମାତ୍ର ପ୍ରଶାସନ ଚଳିତ ବର୍ଷ କାହାରିକୁ ରଥ ସ୍ପର୍ଶ କରାଇବାକୁ ଦେଇନାହିଁ। ଭକ୍ତ ଓ ରଥ ମଧ୍ୟରେ ପ୍ରଶାସନ ବାଧକ ସାଜିଛି। ସୂଚନାଯୋଗ୍ୟ, ଚଳିତ ରଥଯାତ୍ରା ପରିଚାଳନା କମିଟିରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମହାପ୍ରଭୁ ରଥାରୂଢ଼ ହୋଇ ନ ଥିବା ବେଳେ ଭକ୍ତ ରଥକୁ ଛୁଇଁପାରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ପ୍ରଶାସନ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିନାହିଁ। ରଥ ଚାରିପଟେ ବ୍ୟାରିକେଡ୍ କରାଯିବା ସହ ପୋଲିସ ମୁତୟନ କରାଯାଇଛି।



ଶରଧାବାଲିରେ ଥିବା ୩ ରଥ

ଭକ୍ତଙ୍କୁ ରଥକୁ ଛୁଇଁବାକୁ ଦିଆଯାଇନାହିଁ। ଅନ୍ୟପକ୍ଷରେ ଭିଭିଆଇପି ଏବଂ ଭିଆଇପି ରଥ ଛୁଉଁଥିବା ଦେଖିବାକୁ ମିଳିଥିଲା। ଭକ୍ତ ସରୋଜିନୀ ମାର୍ଥା କହିଛନ୍ତି, ଶରଧାବାଲିରେ ତିନିରଥ ଅଟକିବା ପରେ ଏହା ସମସ୍ତଙ୍କର। ତେଣୁ ରଥ ଛୁଇଁବାକୁ ପ୍ରଶାସନ ଅନୁମତି ଦେବା କଥା। ପୂର୍ବରୁ ରଥଯାତ୍ରା ବେଳେ ରଥ ଛୁଇଁଛୁ, ମାତ୍ର ଏବେ କାହିଁକି ବାରଣ କରାଯାଇଛି ତାହା ଜଣାନାହିଁ। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଲୋକଙ୍କୁ ରଥ ଛୁଇଁବାକୁ ଅନୁମତି ଦେବାକୁ ଦାବି କରି ପୁରୀର ସାମାଜିକ କର୍ମୀ ବଦ୍ରି ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏ ନେଇ ଜିଲା ପ୍ରଶାସନ ବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା।

# ଗୁଣ୍ଡିଚା ମନ୍ଦିର ଫଟୋ ଭାଇରାଲ

### ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ, ୮।୭:

କିଛି ଦିନ ତଳେ ଶ୍ରୀମନ୍ଦିର ଭିତର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଶୁକ୍ରବାର ସୋସିଆଲ ମିଡିଆରେ ଶ୍ରୀଗୁଣ୍ଡିଚା ମନ୍ଦିର ଓ ଭିତର ବେଢ଼ା ଫଟୋ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ସେହିପରି ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏଭଳି ଘଟଣାକୁ ଗୁରୁତ୍ୱର ସହ ନେଉ ନ ଥିବା ଅଭିଯୋଗ ହେଉଛି। ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଭକ୍ତଙ୍କ ତଲାସି ନିଆଯାଇ ମନ୍ଦିରକୁ ପ୍ରବେଶ ଅନୁମତି ଦିଆଯାଉଛି। ସେହିପରି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହାସତ୍ତ୍ୱେ କିଏ ମୋବାଇଲ ଫୋନ ଦ୍ୱାରା ଶ୍ରୀଗୁଣ୍ଡିଚା ମନ୍ଦିରର ଫଟୋ ଉଠାଇଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ ଦାବି କରାଯାଇଛି।



ଭାଇରାଲ ହୋଇଥିବା ଫଟୋ ।

## ସଂକ୍ଷେପରେ

### ୨ ମନ୍ଦିରରୁ ଦାନହୁଣ୍ଡି ଟଙ୍କା ଚୋରି

ପିପିଲି,୮।୭(ଡି.ଏନ୍.ଏ.)- ପିପିଲି ପୋଲିସକୁ ଚାଲେଞ୍ଜ ଦେଇ ଗତ କିଛିଦିନ ହେବ ଦୁର୍ବୃତ୍ତମାନେ ବିଭିନ୍ନ ମନ୍ଦିରରୁ ମୂର୍ତ୍ତି ଓ ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟ୍ କରିବାରେ ଲାଗିଛନ୍ତି। ମାସକ ଭିତରେ ପିପିଲି ଥାନା ଅଧୀନରେ ବିଭିନ୍ନ ମନ୍ଦିରରୁ ଚୋରି ଅଭିଯୋଗ ହୋଇଥିବା ବେଳେ ଗୁରୁବାର ପୁଣି ସ୍ଥାନୀୟ ବାବା ଗତିଶ୍ୱର ଦେବ ଓ ଶନିଦେବଙ୍କ ମନ୍ଦିରରୁ ଦାନହୁଣ୍ଡି ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୋବର୍ଦ୍ଧନପୁର ଗ୍ରାମ ଅଧୀନ ବାବା ଗତିଶ୍ୱର ମହାଦେବ ଓ ତାଙ୍କ ପାର୍ଶ୍ୱରେ ଥିବା ଶନିଦେବଙ୍କ ମନ୍ଦିରରୁ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ଆସି ୨ ମନ୍ଦିରର ଦାନବାକ୍ସ ଚାବିକୁ ଭାଙ୍ଗି ଟଙ୍କାକୁ ସବୁ ଲୁଟି ନେଇଯାଇଛନ୍ତି। ସକାଳେ ମନ୍ଦିର ପୂଜକ ଆସିବା ବେଳେ ଚୋରି ହୋଇଥିବା ଜାଣି ଗ୍ରାମବାସୀ ଓ ମନ୍ଦିର ଟ୍ରଷ୍ଟକୁ କହିଥିଲେ। ଏ ନେଇ ଗତିଶ୍ୱରଦେବ ଉନ୍ନୟନ ପରିଷଦ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିଥିବା ବେଳେ ଶନିଦେବଙ୍କ ଦାନବାକ୍ସ ଚାବି ଭଙ୍ଗା ଅବସ୍ଥାରେ ନଦୀପଠାରେ ପଡିଥିବା ଦେଖିଥିଲେ।

### ମଦର ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଦିବସ

କଣାସ,୮।୭(ସ୍ୱ.ପ୍ର.): କଣାସସ୍ଥିତ ମଦର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲର ପ୍ରଥମ ପ୍ରତିଷ୍ଠା ଦିବସ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ସୁବର୍ଣ୍ଣକେଶରୀ ବଳିୟାରସିଂଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷା ନୀଳିମା ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଦକ୍ଷ ଓ ଅଭିଜ୍ଞ ଶିକ୍ଷୟିତ୍ରୀ ଏବଂ ଆବଶ୍ୟକ ଉପକରଣ ଥିବାବେଳେ ବିଦ୍ୟାଳୟକୁ ଆଞ୍ଚଳିକ କୁଞ୍ଜେଶ୍ୱରୀ ସାଂସ୍କୃତିକ ସଂସଦ ପକ୍ଷରୁ ୨ ଏକର ଜମି ପ୍ରଦାନ କରାଯାଇଛି। ଉପସ୍ଥିତ ଅତିଥିମାନେ ଯୋଗଦେଇ କଣାସରେ ପ୍ରତିଷ୍ଠା କରାଯାଇଥିବା ଇଂଲିଶ ମିଡିୟମ୍ ସ୍କୁଲ୍‌ର ଭବିଷ୍ୟତ ଉଜ୍ଜ୍ୱଳମୟ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ କୌଡିକିଆ ପୋଷାକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। କଣାସ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷା ସୌଭାଗିନୀ ଦେବୀ, କଣାସ ସ୍ନାତକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ, ଶିକ୍ଷାବିତ ସୁଷମା ବେହେରା, ପବିତ୍ର ସୁନ୍ଦରାୟ, ପ୍ରତାପ ଛୋଟରାୟ, ଗାନ୍ଧୀ ପରିଡ଼ା, ପ୍ରେମାନନ୍ଦ ଜାଲି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପାଲଟାସିଂ, ତୃପ୍ତାମୟୀ ପ୍ରିୟଦର୍ଶିନୀ, ରୁନୁ ଦଳାଇ, ସୁବାସିନୀ ନିଶଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ମହୋତ୍ସବ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୮।୭(ବ୍ୟୁରୋ)

ପବିତ୍ର ସନ୍ଧ୍ୟାଦର୍ଶନ ଅବସରରେ ଲୋକସମ୍ପର୍କ ଭବନରେ ଶୁକ୍ରବାର ରଥଯାତ୍ରାର ମହତ୍ତ୍ୱ ଓ ବିଭିନ୍ନ ତଥ୍ୟ ସମ୍ବଳିତ 'ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ମହୋତ୍ସବ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ମହାବିଗ୍ରହ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏକ ବିଶ୍ୱପ୍ରସିଦ୍ଧ ଆଧ୍ୟାତ୍ମିକ ମହାପର୍ବ। ରଥଯାତ୍ରା ସମ୍ପର୍କରେ ଗବେଷଣା, ଅଧ୍ୟୟନ ଓ ଆଲୋଚନା ଅବ୍ୟାହତ ରହିଥିବାବେଳେ ଉକ୍ତ ଗ୍ରନ୍ଥଟି ସେହି କ୍ରମରେ ଏକ ଚମତ୍କାର ସଂଯୋଜନା ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଡ. ଲେନିନ୍ ମହାନ୍ତି ପୁସ୍ତକର ଲୋକାର୍ପଣ ଅବସରରେ କହିଛନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରାର ବିଭିନ୍ନ ବିଭବ ନେଇ ୨୬ଜଣ ବୁଦ୍ଧିଜୀବୀ ଓ ଗବେଷକଙ୍କ ଉପାଦେୟ ଆଲେଖ୍ୟରେ ସମୃଦ୍ଧ ଏହି ପୁସ୍ତକଟି ବିଶିଷ୍ଟ ଜଗନ୍ନାଥ ଗବେଷକ ଡ. ଭାସ୍କର ମିଶ୍ର, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଶାନ୍ତ ଦାଶ ଓ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଅଭୟ ଚରଣ ରାଉତଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ପୁସ୍ତକର ସମ୍ପାଦକବୃନ୍ଦ ବକ୍ତବ୍ୟ ରଖି ଏପରି ପ୍ରକାଶନ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ସମ୍ପର୍କରେ ତଥ୍ୟ ଓ ଶାସ୍ତ୍ରୀୟ ଉପସ୍ଥାପନକୁ ବ୍ୟାପକ କରିବାରେ ସହାୟକ ହେବ ବୋଲି ଆଶା ପ୍ରକଟ କରିଥିଲେ। ଶ୍ରୀ ପୁରୁଷୋତ୍ତମ ସଦ୍‌ଗ୍ରନ୍ଥାଳୟ ପ୍ରକାଶିତ ୩୮୬ ପୃଷ୍ଠାର ଏହି ପୁସ୍ତକର ପ୍ରଥମ କପି ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଧିଷ୍ଠିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ସମର୍ପିତ ହୋଇଛି। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସରକାରୀ ଅଧିକାରୀ ଉପସ୍ଥିତ ଥିବାବେଳେ ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ 'ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ମହୋତ୍ସବ' ପୁସ୍ତକ ଲୋକାର୍ପଣ କରୁଛନ୍ତି ।

# ସୁରକ୍ଷିତ ସମୁଦ୍ର ସ୍ନାନ ନେଇ ସଚେତନତା

ପୁରୀ ଅଫିସ, ୮।୭:

ଇନଫର୍ମେଶନ୍ ଟେକ୍ନୋଲୋଜି ଆସୋସିଏଶନ୍ ପୁରୀ (ଆଇଟିଏପି) ପକ୍ଷରୁ ପୁରୀ ବେଳାଭୂମିରେ ଶୁକ୍ରବାର ସମୁଦ୍ର ସ୍ନାନ ସଂକ୍ରାନ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମୁଦ୍ର ସ୍ନାନ ବେଳେ ସୁରକ୍ଷା ଓ ସତର୍କତା ଅବଲମ୍ବନ ନେଇ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ଜିଲା ଅଗ୍ନିକ ବିଭାଗ କର୍ମଚାରୀ ଓ ଲାଇଫଗାର୍ଡମାନେ ଯୋଗଦେଇଥିଲେ। ଏହି ଅବସରରେ ୧୨ଜଣ ଲାଇଫଗାର୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ୫୦୦୦ ପର୍ଯ୍ୟଟକଙ୍କୁ ଲିଫଲେଟ ବଣ୍ଟାଯାଇ ସଚେତନ କରାଯାଇଥିଲା।




ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶୁକ୍ରବାର ପୁରୀ ବେଳାଭୂମିରେ ବାଲୁକା କଳାରେ ଜାପାନର ଦିବଙ୍ଗତ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

## ବିଚ୍ଛିନ୍ନାଞ୍ଚଳ ଗଲା 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା

ଭୁବନେଶ୍ୱର, ୮।୭(ବ୍ୟୁରୋ)

ରଥଯାତ୍ରା ଅବସରରେ ରାଜ୍ୟ ସରକାରଙ୍କ ମୁଖପତ୍ର 'ଉତ୍କଳ ପ୍ରସଙ୍ଗ'ର 'ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା' ପ୍ରକାଶ ପାଇଛି। ଝାଡ଼ଖଣ୍ଡ ତଥା ଓଡ଼ିଶାର ସୀମାବର୍ତ୍ତୀ ବିଚ୍ଛିନ୍ନାଞ୍ଚଳରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମହାନ୍ ସଂସ୍କୃତି ଓ ମହିମା ସହିତ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ସଂଖ୍ୟାକୁ ସ୍ୱତନ୍ତ୍ର ଗାଡ଼ିରେ ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡର ଷଢେଇକଳା, ଖରସୁଆଁ, ଚାଇଁବସା, ଚକ୍ରଧରପୁର ଆଦି ଅଞ୍ଚଳରେ ଏହାକୁ ବଣ୍ଟନ କରାଯିବ। ଶୁକ୍ରବାର ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ପ୍ରମୁଖ ପତାକା ହଲାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରାବନ୍ଧିକ ଡ. ଭାସ୍କର ମିଶ୍ର, ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ବିଭାଗର ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ କୁମାର ମଲ୍ଲିକ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଏବଂ ଲୋକସମ୍ପର୍କ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯାତ୍ରାରେ ବିଭାଗର ଦୁଇଜଣ ସ୍ୱତନ୍ତ୍ର ଅଧିକାରୀ ଅଛନ୍ତି। ସେମାନେ ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସାକ୍ଷାତ କରି ଉତ୍କଳ ପ୍ରସଙ୍ଗର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟାକୁ ବଣ୍ଟନ କରିବେ। ଏଥି ସହିତ ସେମାନଙ୍କ ସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଭାବ ବିନିମୟ କରିବେ। ସେହିପରି ଆଗାମୀ ଦିନରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସୀମାବର୍ତ୍ତୀ ଟିକାଲି, ମଞ୍ଜୁଷା ଆଦି ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଭଉଣୀଭାଇଙ୍କ ପାଇଁ ଖୁବ୍‌ଶୀଘ୍ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ଉତ୍କଳ ପ୍ରସଙ୍ଗ ପ୍ରେରଣ କରାଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି।

## ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗଲା ୩ ଆଖଡ଼ାର ନିଶାନ

ପୁରୀ ଅଫିସ, ୮।୭

ଆଷାଢ ଶୁକ୍ଳ ନବମୀ ତିଥିରେ ଶୁକ୍ରବାର ୩ ଆଖଡ଼ାର ନିଶାନ ଶୋଭାଯାତ୍ରା ସମ୍ପନ୍ନ ହୋଇଛି। ବଡ଼ ଆଖଡ଼ା, ହାତୀ ଆଖଡ଼ା ଏବଂ ନିର୍ମୋହୀ ଆଖଡ଼ା ପକ୍ଷରୁ ନିଶାନ ସହ ମଠର ମହନ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଆଜକୁ ୬୦୦ବର୍ଷ ପୂର୍ବେ ରାମାନନ୍ଦ ଆଚାର୍ଯ୍ୟ ଜଗନ୍ନାଥ ଧାମକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଇଥିଲେ। ସେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥିଲେ। ତେଣୁ ରାମାନନ୍ଦ ବଡ଼ ଆଖଡା ମଠ ଶାଖା ଦଶାବତାର ମଠରେ ଅବସ୍ଥାନ କରିଥିଲେ। ସେ ଆଷାଢ଼ ଶୁକ୍ଳ ନବମୀ ତିଥିରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆଡ଼ପ ମଣ୍ଡପକୁ ଯାଇଥିଲେ। ସେ ତାଙ୍କ ଦର୍ଶନ ସମୟରେ ବଡ଼ ଆଖଡ଼ା, ହାତୀ ଆଖଡ଼ା ଏବଂ ନିର୍ମୋହୀ ଆଖଡ଼ାର ନିଶାନକୁ ସାଥିରେ ନେଇଥିଲେ। ଏହି ପରମ୍ପରାକୁ ପାଥେୟ କରି ଶୁକ୍ରବାର ହାତୀ ଆଖଡ଼ା ମଠର ମହନ୍ତ ସୁଖରାମ ଦାସ, ବଡ଼ ଆଖଡା ମଠର ମହନ୍ତ ହରି ନାରାୟଣ ଦାସ, ନିର୍ମୋହୀ ମଠର ବାବନ ଚରଣ ଦାସ ଏବଂ ପୁରୀରେ ଥିବା ସମସ୍ତ ରାମାନନ୍ଦୀ ମଠର ମହନ୍ତମାନେ ସେମାନଙ୍କ ନିଶାନ ସହ ଆଡ଼ପ ମଣ୍ଡପ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।



ବିଭିନ୍ନ ମଠର ମହନ୍ତମାନେ ନିଶାନ ସହ ଶ୍ରୀଗୁଣ୍ଡିଚା ମନ୍ଦିରକୁ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଯାଉଛନ୍ତି ।

## ଶ୍ରୀକ୍ଷେତ୍ରରେ 'ଜଗା ପାଇଁ ଗଛଟିଏ ଲଗା'

ପୁରୀ ଅଫିସ, ୮।୭:

ଆଗକୁ କେବଳ ରଥ ନୁହେଁ, ଠାକୁରଙ୍କ ନିର୍ମାଣ ପାଇଁ ବି କାଠ ଅଭାବ ସମସ୍ୟା ଉପୁଜି ପାରେ। ଏଣୁ ଆସନ୍ତୁ ଠାକୁରଙ୍କ ପାଇଁ ଗଛଟିଏ ଲଗାଇବା। ଏପରି ସ୍ଲୋଗାନ ସହ ପବିତ୍ର ଶରଧାବାଲିର ତିନିରଥ ସମ୍ମୁଖରୁ ଆରମ୍ଭ ହୋଇଛି 'ଜଗା ପାଇଁ ଗଛଟିଏ ଲଗା' ଅଭିଯାନ। ପ୍ରେରଣା ଗ୍ରୀନ୍ ଆର୍ମି ଏବଂ ମିଶନ ଓଡ଼ିଶାର ମିଳିତ ସହଯୋଗରେ ଦିଲୀପ ଶ୍ରୀଚନ୍ଦନ, ବଦ୍ରି ମିଶ୍ର, କଳ୍ପନା ଦାସ ଓ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାକୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏନ୍‌ସିସି, ଏନ୍‌ଏସ୍‌ଏସ୍, ରେଡ୍‌କ୍ରସ, ସେଣ୍ଟ ଜନ୍ ଆମ୍ବୁଲାନ୍ସ,ସ୍କାଉଟ୍ସ, ଗାଇଡ୍ସ, ପ୍ରେରଣା ଇଣ୍ଟରନ୍ୟାଶନାଲ, ମିଶନ ଓଡ଼ିଶା, ଶିଶୁ ଓ ମହିଳା ବିକାଶ ସଂସ୍ଥା ସମେତ ଅନେକ ପ୍ରକୃତିପ୍ରେମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକାଠି ହୋଇଥିଲେ। ସେଠାରେ ଗ୍ରୀନ ଆର୍ମି କମାଣ୍ଡାଣ୍ଟ ବଦ୍ରି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପରିବେଶ ସଭାରେ ନୀରଦ ଖୁଣ୍ଟିଆ, ଶୋଭାରାଣୀ ସ୍ୱାଇଁ, ଜୟନ୍ତୀ ମହାପାତ୍ର, ଗଣେଶ୍ୱର ସାହୁ, ଅଜୟ ପ୍ରଧାନ, ଭାସ୍କର ପୂଜାରୀ, ମାନସ ଦାସ, ଲାଲା ଅନନ୍ତ ସିଂହ, କମଳ ଦାଶ ପ୍ରମୁଖ ନିମ୍ବ, ଫାସି, ଧଉରା ପ୍ରଭୃତି ଚାରା ରୋପଣ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନିମ୍ବ ଚାରା ରୋପଣ କରାଯିବା ସହ ମହାବିଦ୍ୟାଳୟର ଅଧ୍ୟକ୍ଷ ଡାକ୍ତର ସୁଦର୍ଶନ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଲ୍ଲିଶ୍ରୀ ମେଳାରେ ୬କୋଟିରୁ ଊର୍ଦ୍ଧ୍ୱ ବେପାର

### ଚାହିଦାରେ ଘରୋଇ ଉପକରଣ

ପୁରୀ ଅଫିସ,୮।୭:

ରଥଯାତ୍ରା ବେଳେ ପୁରୀରେ ଦ୍ୱିତୀୟ ପ୍ରମୁଖ ଆକର୍ଷଣ ପାଲଟିଥାଏ ପଲ୍ଲିଶ୍ରୀ ମେଳା। ଚଳିତ ବର୍ଷ ମଧ୍ୟ ରଥଯାତ୍ରା ସମୟରେ ଜିଲା ପ୍ରଶାସନ ସହଯୋଗରେ ଓରମାସ୍ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ଭିଡ଼ ଜମିଥିଲା। ଏଥର ୨୮୦ଟି ଷ୍ଟଲ ଖୋଲାଯାଇଥିଲା। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଆସାମ, ଦିଲ୍ଲୀ, ଗୁଜରାଟ, ହରିୟାଣା, ଜମ୍ମୁକଶ୍ମୀର, ମହାରାଷ୍ଟ୍ର, ମଣିପୁର, କର୍ଣ୍ଣାଟକ, ରାଜସ୍ଥାନ, ପଶ୍ଚିମବଙ୍ଗ, ପଞ୍ଜାବ, ଝାଡ଼ଖଣ୍ଡ ସମେତ ୧୪ଟି ରାଜ୍ୟର ଷ୍ଟଲ ହୋଇଥିଲା। ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ଗୃହ ଉପକରଣ ସମେତ ଆମୋଦପ୍ରମୋଦ ସାମଗ୍ରୀ ପ୍ରଭୃତି ସବୁ ମିଳୁଥିଲା। ରଥଯାତ୍ରାଠାରୁ ବାହୁଡ଼ା ଯାତ୍ରା ମଧ୍ୟରେ ମେଳାରେ ୬ କୋଟି ୩୯ ଲକ୍ଷ ୩୭ ହଜାର ୮୬୬ ଟଙ୍କାର ବେପାର ହୋଇଛି। ଜୁନ୍ ୩୦ରେ ୧୦ ଲକ୍ଷ ୭୪ ହଜାର ୯୨୦, ଜୁଲାଇ ୧ରେ ୩୫ ଲକ୍ଷ ୪ ହଜାର ୧୮୫, ଜୁଲାଇ ୨ରେ ୪୯ ଲକ୍ଷ ୪୮ ହଜାର ୭୨୫, ଜୁଲାଇ ୩ରେ ୫୭ ଲକ୍ଷ ୫୫ ହଜାର ୭୧୧, ଜୁଲାଇ ୪ରେ ୫୭ ଲକ୍ଷ ୫୮ ହଜାର୨୮୫, ଜୁଲାଇ ୫ରେ ୧ କୋଟି ୨୯ ଲକ୍ଷ ୨୩ ହଜାର ୭ଶହ, ଜୁଲାଇ ୬ରେ ୧ କୋଟି ୪୧ ଲକ୍ଷ ୧୮ ହଜାର ୩୭୦ ଏବଂ ଜୁଲାଇ ୭ରେ ୧ କୋଟି ୫୮ ଲକ୍ଷ ୧୩ ହଜାର ୯୭୦ ଟଙ୍କାର ବେପାର ହୋଇଛି। ଓର୍‌ମାସ୍ ମୁଖ୍ୟ କହିଛନ୍ତି, ଘରୋଇ ଉପକରଣ ସର୍ବାଧିକ ବିକ୍ରି ହୋଇଛି। ଲୋକେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ସାମଗ୍ରୀ କିଣି ନେଇଛନ୍ତି। ତେବେ ଆମୋଦପ୍ରମୋଦ ଉପକରଣ ବିକ୍ରି ସେତେଟା ହୋଇନାହିଁ।



ପଲ୍ଲିଶ୍ରୀ ମେଳାରେ ଲୋକେ କିଣାକିଣି କରୁଛନ୍ତି ।

# ମହାପ୍ରଭୁଙ୍କ ପାଇଁ ଗଢ଼ାସରିଛି ଅଧର ହାଣ୍ଡି

ପୁରୀ ଅଫିସ, ୮।୭:

ନବଦିନାତ୍ମକ ଘୋଷଯାତ୍ରାରେ ବାହାରି ଦାରୁଦିଅଁ ଏବେ ଆଡ଼ପମଣ୍ଡପରେ ଲୀଳା କରୁଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ଆଷାଢ଼ ଶୁକ୍ଳ ଦଶମୀ ତିଥି ଶନିବାର ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ। ଏକାଦଶୀ ତିଥିରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଓ ଦ୍ୱାଦଶୀ ତିଥିରେ ଅଧରପଣା ନୀତି ଅନୁଷ୍ଠିତ ହେବ। ତେତିଶ କୋଟି ଦେବଦେବୀଙ୍କ ସମେତ ଗନ୍ଧର୍ବ, କିନ୍ନର, ଯକ୍ଷ, ରକ୍ଷ, ଭୂତ, ପ୍ରେତ, ଚଣ୍ଡୀ ଚାମୁଣ୍ଡା, ରଥରେ ଅଧିଷ୍ଠିତ ପାର୍ଶ୍ୱ ଦେବଦେବୀ ଆଦି ଅଶରୀରମାନଙ୍କ ଉଦ୍ଦେଶ୍ୟରେ ଏହି ଅଧରପଣା ପ୍ରଦାନ କରାଯାଇଥାଏ। ଏମାନେ ରଥରେ ଅଦୃଶ୍ୟ ଭାବେ ରହି ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଅଧରପଣା ସେବନ ପୂର୍ବକ ଆତ୍ମସନ୍ତୋଷ ଲାଭ କରି ସ୍ୱସ୍ଥାନକୁ ଫେରିଯାଇଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ନୀତିରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଅଧରଚୁମ୍ବିତ ହେଲାପରି ତିନୋଟି ଲେଖାଏ ମାଟିହାଣ୍ଡି ରଖାଯାଏ। ଏଗୁଡ଼ିକୁ କୁମ୍ଭାର ସେବକମାନେ ତିଆରି କରିଥାନ୍ତି। ତିନିରଥରେ ୩ଟି ହିସାବରେ ୯ଟି ହାଣ୍ଡି ଆବଶ୍ୟକ ପଡ଼େ। ତେବେ କୁମ୍ଭକାରଙ୍କ ପକ୍ଷରୁ ଗୋଟିଏ ଅଧିକ ହାଣ୍ଡି ନିର୍ମାଣ କରାଯାଇଥାଏ। ୧୦ଟି ହାଣ୍ଡି ରଥ ନିକଟରେ ରଖାଯାଇଥାଏ। ଯଦି କୌଣସି ହାଣ୍ଡିରେ ତ୍ରୁଟି ଦେଖାଦିଏ ତତ୍‌କ୍ଷଣାତ୍ ତାହାକୁ ବଦଳାଇ ଦିଆଯାଏ। ତେବେ ଶ୍ରୀଜଗନ୍ନାଥ ମନ୍ଦିରର ଅଧିକାଂଶ ରୀତିନୀତି ଓ ଯାନିଯାତ୍ରା ସହିତ ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକର ସମ୍ପର୍କ ବହୁ ପ୍ରାଚୀନ କାଳରୁ ରହିଆସିଛି। ଅଧରପଣା ନୀତିରେ ମଧ୍ୟ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ନୀତି ନିମନ୍ତେ ହାଣ୍ଡି ଯୋଗାଇ ଦିଆଯାଇଥାଏ।



ହାଣ୍ଡିଗୁଡ଼ିକ ଶ୍ରୀବିଗ୍ରହମାନଙ୍କ ଅଧର ଛୁଇଁବା ପର୍ଯ୍ୟନ୍ତ ଉଚ୍ଚର ହୋଇଥାଏ। ତେଣୁ ହାଣ୍ଡିଗୁଡ଼ିକୁ ଅଧର ହାଣ୍ଡି ବୋଲି କୁହାଯାଏ। ଅଧର ହାଣ୍ଡି ନିର୍ମାଣ ସମ୍ପର୍କରେ କୁମ୍ଭକାର ନିଯୋଗର ସମ୍ପାଦକ ମହେନ୍ଦ୍ର କୁମାର ବିଶୋୟୀ କହିଛନ୍ତି, କୁମ୍ଭକାର ସେବକମାନେ ଶୁଦ୍ଧପୂତ ଭାବେ ଅକ୍ଷୟତୃତୀୟା ତିଥିରେ ଅଧରହାଣ୍ଡି ନିର୍ମାଣ ଆରମ୍ଭ କରିଥାନ୍ତି। ଏଥିପାଇଁ ୫ବସ୍ତା ମାଟି ଓ ୨ବସ୍ତା ବାଲି ଆବଶ୍ୟକ ହୋଇଥାଏ। ପ୍ରଥମେ ବାଲି ଓ ମାଟିକୁ ଉପଯୁକ୍ତ ପରିମାଣର ମିଶ୍ରଣ କରାଯାଇ ହାଣ୍ଡି ପାଇଁ ମାଟି ପ୍ରସ୍ତୁତ କରାଯାଏ। ପରେ ଉକ୍ତ ମାଟିକୁ ଚକରେ ପକାଯାଇ ଅଧର ହାଣ୍ଡି ଗଢ଼ାଯାଏ। ହାଣ୍ଡି ତିଆରି ପରେ ଖରାରେ ଶୁଖାଯାଏ। ଶୁଖିଯିବା ପରେ ହାଣ୍ଡିକୁ ଭାଟିରେ ପକାଯାଇ ପୋଡ଼ାଯାଏ। ଏହା ପରେ ଅଧର ହାଣ୍ଡି ପ୍ରସ୍ତୁତ ହୋଇଥାଏ। ହାଣ୍ଡିଗୁଡ଼ିକର ଉଚ୍ଚତା ପ୍ରାୟ ସାଢେ ୪ଫୁଟ୍‌ରୁ ୫ ଫୁଟ୍ ରହିଥାଏ। ସେହିପରି ଓସାର ୫ ଫୁଟ ୮ ଇଞ୍ଚ ହୋଇଥାଏ। ଅଧର ହାଣ୍ଡି ସହ ପାଣି ବୋହିବା ପାଇଁ ୩୦ଟି ଦାସିଆ ହାଣ୍ଡି ଓ ୫୦ଟି ଠେକ ହାଣ୍ଡି ଯୋଗାଇ ଦିଆଯାଏ। ଏହି ସେବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭକାରମାନଙ୍କୁ ଖେଇ ଦିଆଯାଏ। ମହାପ୍ରଭୁଙ୍କ କାମ କରିବାର ସୁଯୋଗ ମିଳିଥିବାରୁ କୁମ୍ଭକାର ସେବକମାନେ ନିଜକୁ ଧନ୍ୟ ମନେକରନ୍ତି।

## ସଂକ୍ଷେପରେ

### ଛଣଘର ସମବାୟ ସମିତି ସଭାପତି ହେଲେ ବସନ୍ତ

ଜଟଣୀ, ୮।୭(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ଛଣଘର ପଞ୍ଚାୟତର ସମବାୟ ସମିତି ସଭାପତି ଭାବେ ବସନ୍ତ ସ୍ୱାଇଁ ଶୁକ୍ରବାର ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ନିମନ୍ତେ ୨ଜଣ ନାମାଙ୍କନ ଦାଖଲ କରିଥିଲେ। ୧୫ ଖଣ୍ଡ ଭୋଟରୁ ୯ ଖଣ୍ଡ ଭୋଟ ପାଇ ବସନ୍ତ ବିଜୟୀ ହୋଇଥିଲେ। ବିପକ୍ଷ ହରମୋହନ ରାଉତରାୟ ୬ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଦେବାଶିଷ ସେଠୀ ବିଧିବଦ୍ଧ ଭାବେ ବସନ୍ତଙ୍କୁ ସମିତିର ସଭାପତି ଘୋଷଣା କରିଥିଲେ। ଆଗାମୀ ଦିନରେ ସମିତିର ସମସ୍ତଙ୍କୁ ନେଇ ସରକାରଙ୍କ ପକ୍ଷରୁ ଆସୁଥିବା ଯୋଜନାଗୁଡ଼ିକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇବେ ବୋଲି ସେ କହିଛନ୍ତି।

### ୭ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଜଟଣୀ, ୮।୭(ଡି.ଏନ୍.ଏ.): ନିଶା କାରବାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଜଟଣୀ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ବାଲିଛକ ମୁଣ୍ଡିଆ ସାହିର ସେକ୍ ସାମ୍‌ସୁଦ୍ଦିନ()। ସାମ୍‌ସୁଦ୍ଦିନଙ୍କ ନିକଟରୁ ୭ ଗ୍ରାମ୍ ବ୍ରାଉନସୁଗାର, ଗୋଟିଏ ଆପଲ ଫୋନ୍ ଏବଂ ଏକ ସ୍କୁଟିକୁ ପୋଲିସ ଜବତ କରିଛି। ସୂଚନା ମୁତାବକ, ସକାଳ ସମୟରେ ସ୍ଥାନୀୟ ମଧୁସୂଦନ ନଗର ଗ୍ୟାସ୍ ଫାକ୍ଟ୍ରି ରାସ୍ତାର ମା' ତାରିଣୀ ମନ୍ଦିର ନିକଟରେ ଅଭିଯୁକ୍ତ ସାମସୁଦ୍ଦିନ ବ୍ରାଉନ୍‌ସୁଗାର ବିକ୍ରି କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଜଟଣୀ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

### ରନ୍ଧନ ଗ୍ୟାସ ଦର ବୃଦ୍ଧିକୁ ଏସୟୁସିଆଇର ବିରୋଧ

ଖୋର୍ଦ୍ଧା ଅଫିସ,୮।୭ : ଘରୋଇ ରନ୍ଧନ ଗ୍ୟାସ ଦର ପୁଣିଥରେ ବୃଦ୍ଧି ପ୍ରତିବାଦରେ ଏସୟୁସିଆଇ ଖୋର୍ଦ୍ଧା ଶାଖା ପକ୍ଷରୁ ଟାଉନ ହଲରେ ଶୁକ୍ରବାର ପ୍ରତିବାଦ କରିଛନ୍ତି। ଗ୍ୟାସ ମୂଲ୍ୟ ବୃଦ୍ଧି ଯୋଗୁ ସାଧାରଣ ଖାଉଟିଙ୍କ ଉପରେ ଅତ୍ୟଧିକ ବୋଝ ବଢ଼ିବ। କରୋନା ମହାମାରୀ ଯୋଗୁ ସାଧାରଣ ଜନତା ଅଣ୍ଟା ସଳଖି ନ ଥିବାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘରୋଇ ଗ୍ୟାସ ଦର ବାରମ୍ବାର ବୃଦ୍ଧି ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସୟୁସିଆଇର ସମ୍ପାଦକ ଅଶୋକ ସାହୁ, ଯୁବନେତା ଜୟନ୍ତ ମହାନ୍ତି, ଶ୍ରୀକାନ୍ତ ନାୟକ, ସଂଘମିତ୍ରା ମହାପାତ୍ର, ସୁଜାତା ନାୟକ, ମନ୍ଦାକିନୀ ସାହୁଙ୍କ ସମେତ ଅନ୍ୟମାନେ ସାମିଲ ହୋଇ ଗ୍ୟାସ ଦର ବୃଦ୍ଧିର ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ଶ୍ରମିକ ଏବଂ ସାଧାରଣ ଜନତା ମାରଣନୀତିକୁ ବିରୋଧ କରିଥିଲେ।

### 'ପୁରାତନୀ'ର ମାସିକ ସଙ୍ଗୀତ ଆସର

ଜଟଣୀ, ୮।୭(ଡି.ଏନ୍.ଏ.): ଜଟଣୀର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୁରାତନୀ ପକ୍ଷରୁ ମାସିକ ସଙ୍ଗୀତ ଆସର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମା' ଉତ୍ତରାୟଣୀ ମନ୍ଦିର ପରିସରରେ ଆୟୋଜିତ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମରେ ପୁରାତନ ଭଜନ, ଛାନ୍ଦ, ଚମ୍ପୂ ଇତ୍ୟାଦି ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶରତ ସେଠୀ, ଶଙ୍କର୍ଷଣ ସାମଲ, ଗାୟତ୍ରୀ କାଞ୍ଜିଲାଲ, ପ୍ରଭାସ ମଙ୍ଗରାଜ, ସୁଧାଂଶୁ ସାହୁ, ଭଗବାନ ମହାପାତ୍ର, ଗୋବିନ୍ଦ ସାହୁ, ଜଗଦୀଶ ମହାପାତ୍ର ଏବଂ ଚିତ୍ତରଞ୍ଜନ ନାୟକଙ୍କ ସହିତ ବହୁ କଳାକାର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଦର୍ଶକ ଉପସ୍ଥିତ ଥିଲେ।

# ଶ୍ରୀ ଅନନ୍ତପୁରୁଷୋତ୍ତମଙ୍କ ସନ୍ଧ୍ୟା ଦର୍ଶନରେ ଭକ୍ତ ବିହ୍ୱଳ



ଜାଗୁଳିପାଟଣାସ୍ଥିତ ଆଡ଼ପ ମଣ୍ଡପରେ ଶ୍ରୀ ଅନନ୍ତପୁରୁଷୋତ୍ତମଙ୍କ ସନ୍ଧ୍ୟା ଦର୍ଶନ।

ଖୋର୍ଦ୍ଧା ଅଫିସ,୮।୭

- ଆଜି ବାହୁଡ଼ିବେ ପୂର୍ଣ୍ଣବିଗ୍ରହ
- ଗୋଟିଏ ରଥରେ ବିଜେ ହେବେ ଚତୁର୍ଦ୍ଧାବିଗ୍ରହ

ଜାଗୁଳିପାଟଣାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ଶେଷ ହୋଇଛି ଶ୍ରୀ ଅନନ୍ତପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ)ଙ୍କ ଲୀଳା। ଶୁକ୍ରବାର ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ପାଇ ଅଗଣିତ ଭକ୍ତ ଭାବବିହ୍ୱଳ ହୋଇପଡ଼ିଛନ୍ତି। ନବଦିନାତ୍ମକ ଯାତ୍ରା ସାରି ଶନିବାର ରତ୍ନବେଦୀକୁ ବାହୁଡ଼ିବେ ଶ୍ରୀଜୀଉ। ଏଥିଲାଗି ଆଡ଼ପ ମଣ୍ଡପ ନିକଟରେ ଅପେକ୍ଷା କରି ରହିଛି ନନ୍ଦିଘୋଷ ରଥ। ଗୋଟିଏ ରଥରେ ଚତୁର୍ଦ୍ଧାବିଗ୍ରହ ବିଜେ ହୋଇ ଫେରିବେ। ଏଥିପାଇଁ ଆଡ଼ପ ମଣ୍ଡପରେ ଚାଲିଛି ପ୍ରସ୍ତୁତି। ବାହୁଡା ଯାତ୍ରା ଲାଗି ଆଡ଼ପ ମଣ୍ଡପରେ ସଅଳ ନୀତି କରାଯାଇଛି। ଶନିବାର ସମସ୍ତ ନୀତିକାନ୍ତି ସମାପନ ପରେ ଅପରାହ୍ନ ୨ଟାଠାରୁ ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ୪ଟାରେ ଛେରାପହଁରା, ଚାରମାଳ ଫିଠା ଯାଇ ଘୋଡା ଯୋଚାଯିବ। ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହେବ ବୋଲି ମନ୍ଦିର ମୁଖ୍ୟ ପୂଜକ କମଳ ଲୋଚନ ମହାରାଜ ସୂଚନା ଦେଇଛନ୍ତି।

## ଏମାନେ ଯାହା କୁହନ୍ତି...



ଶ୍ରୀଗୁଣ୍ଡିଚା ମଣ୍ଡପରେ ଏକ ସପ୍ତାହ ଧରି ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନ କରନ୍ତି ସେମାନେ ଅଶେଷ ପୂର୍ଣ୍ଣପ୍ରାପ୍ତି କରିଥାନ୍ତି। ନବମୀ ତିଥିରେ ମହାପ୍ରଭୁଙ୍କ ଦର୍ଶନର ଏକ ସ୍ୱତନ୍ତ୍ରତା ରହିଛି। ଏହିଦିନ ଯେଉଁମାନେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କ ଦର୍ଶନ ସାରି ବ୍ରାହ୍ମଣଙ୍କୁ ଅନ୍ନଦାନ, ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରନ୍ତି, ସପରିବାର ପୁଣ୍ୟଫଳ ପ୍ରାପ୍ତ କରନ୍ତି। ଏହି ସନ୍ଧ୍ୟାର ପୁଣ୍ୟ ଅବସରରେ ପ୍ରିୟ ଭକ୍ତଗଣଙ୍କୁ ମହାପ୍ରଭୁ ଶେଷ ଦର୍ଶନ ଦେଇ ସେମାନଙ୍କ ଭାବ ଅନୁସାରେ ଫଳ ପ୍ରଦାନ କରିଥାନ୍ତି।

- ଡ.ସୁରେନ୍ଦ୍ର ମିଶ୍ର,ଐତିହ୍ୟ ବିଶାରଦ



ନବଦିନାତ୍ମକ ଯାତ୍ରା ସାରି ମହାପ୍ରଭୁ ବାହୁଡାରେ ବାହୁଡି ଆସନ୍ତି। ନବମୀ ତିଥିରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ ପରେ ନୀଳକଣ୍ଠେଶ୍ୱରଙ୍କ ଦର୍ଶନ ପରେ ଆଡ଼ପ ମଣ୍ଡପରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ଦର୍ଶନ କଲେ ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

- ଡ.ଧୀରେନ୍ଦ୍ର ନନ୍ଦ, ଶିକ୍ଷାବିତ



ଆଡ଼ପ ଦର୍ଶନ ହେଉଛି ଦେବ ଦୁର୍ଲ୍ଲଭ ଦର୍ଶନ। ସାତଦିନ ଧରି ମହାପ୍ରଭୁଙ୍କ ଖୋଲା ଦର୍ଶନ ହୋଇଥାଏ। କିନ୍ତୁ ନବମୀ ଦର୍ଶନ ବିଶେଷ ଫଳପ୍ରଦ ହୋଇଥାଏ। ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ଶେଷ ସନ୍ଧ୍ୟା ଦର୍ଶନ କଲେ ମନରେ ଶାନ୍ତି, ସଦ୍‌ଭାବ ଓ ଆଧାତ୍ମିକଭାବ ଜାତ ହୋଇଥାଏ।

- ଅଜିତ ପଟ୍ଟନାୟକ, ଆଇନଜୀବୀ



ପ୍ରତିବର୍ଷ ରଥଯାତ୍ରା ସମୟରେ ଜାଗୁଳିପାଟଣା ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କୁ ଆଡ଼ପ ଦର୍ଶନ କରିବାକୁ ଆସିଥାଏ। ନବମୀ ଦିନ ଯେଉଁଠି ଥିଲେ ବି ଏହି ସନ୍ଧ୍ୟା ଦର୍ଶନକୁ ହାତଛଡ଼ା କରେ ନାହିଁ। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଶେଷ ଦର୍ଶନ କରି ଆତ୍ମସନ୍ତୋଷ ହୋଇପାରିଲି।

- ମମତାଞ୍ଜଳି ପଟ୍ଟନାୟକ, ଶିକ୍ଷାବିତ୍



ସ୍କନ୍ଦପୁରାଣ ଓ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଯଜ୍ଞବେଦିରେ ଶ୍ରୀବିଗ୍ରହଙ୍କ ବିଜେ ସମୟରେ ନବମୀ ତିଥି ଦର୍ଶନ ଅତ୍ୟନ୍ତ ପୂର୍ଣ୍ଣଦାୟକ। ଏହିଦିନ ଗୁଣ୍ଡିଚା ମଣ୍ଡପରେ ବ୍ରାହ୍ମଣ ଓ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦାନଦକ୍ଷିଣା କଲେ ପରିବାରରେ ସୁଖ ଆସିଥାଏ।

ଶକ୍ତିଶଙ୍କର ମିଶ୍ର, ବୁଦ୍ଧିଜୀବୀ



ଶ୍ରୀଜଗନ୍ନାଥ ସଂସ୍କୃତିରେ ରଥାରୂଢ ଠାକୁର, ଆଡ଼ପ ଦର୍ଶନ ପୁଣି ଶେଷ ଦିନ ନବମୀ ଦର୍ଶନର ବିଶେଷତା ରହିଛି। ଆଡ଼ପ ଦର୍ଶନରେ ଏକ ଅପୂର୍ବ ଆନନ୍ଦ ମିଳେ। ନବମୀ ଦର୍ଶନର ମହତ୍ତ୍ୱକୁ ଅନୁଭବ କରି ମୁଁ ପ୍ରତିବର୍ଷ ଏହି ଦର୍ଶନ କରିବାକୁ ଚାହିଁ ରହିଥାଏ। ଆଷାଢ଼ ଶୁକ୍ଳ ନବମୀ ତିଥିରେ ଦର୍ଶନ କଲେ ବହୁ ପୁଣ୍ୟ ମିଳେ। - ତପନ ସାମନ୍ତରାୟ, ସାମାଜିକ କର୍ମୀ

### ନବମୀ ଦର୍ଶନରେ କୋଟି ପୁଣ୍ୟ ମିଳେ

ଶୁକ୍ରବାର ଥିଲା ଆଡ଼ପ ମଣ୍ଡପରେ ଶେଷ ଦର୍ଶନ। ଶନିବାର ଶ୍ରୀଜୀଉମାନେ ରଥାରୂଢ ହୋଇ ବାହୁଡିବେ। ଆଡ଼ପ ମଣ୍ଡପରେ ନବମୀ ଦର୍ଶନର ବିଶେଷ ମହତ୍ତ୍ୱ ରହିଛି। କୁହାଯାଏ ଏହି ଦିନ ସନ୍ଧ୍ୟା ଦର୍ଶନ କଲେ ପୂର୍ଣ୍ଣ ମିଳିଥାଏ। ମହାପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ମହଲରେ ଉତ୍ସାହ ଭରି ରହିଥିଲା।

# ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ୩ ପାୱାରଟିଲର ଜବତ

ନିରାକାରପୁର,୮।୭(ଡି.ଏନ୍.ଏ.)

ଟାଙ୍ଗୀ ବନ ବିଭାଗ ଓ ନିରାକାରପୁର ଥାନା ପୋଲିସ ମିଳିତ ଭାବେ ଖୋର୍ଦ୍ଧା ଜିଲା ରାମେଶ୍ୱର ଅଞ୍ଚଳରେ ଥିବା ମାଙ୍କଡା ପଥର ଖଣିରେ ଶୁକ୍ରବାର ଚଢ଼ାଉ କରିଛି। ସେଠାରୁ ୩ ପାୱାରଟିଲର ଜବତ ହୋଇଥିବାବେଳେ ମାଫିଆମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ସୂଚନା ମୁତାବକ, ଦୀର୍ଘଦିନ ହେବ ଏହି ଅଞ୍ଚଳରେ ଚୋରା ମାଙ୍କଡ଼ା ପଥର ଚାଲାଣ ହୋଇଆସୁଛି। ଖଣି ମାଫିଆମାନେ ଜଙ୍ଗଲ ଜମିରେ ଲାଗିଥିବା ଶହ ଶହ ଗଛକୁ କାଟି ସେଗୁଡ଼ିକୁ ବିକ୍ରି କରୁଛନ୍ତି। ଉକ୍ତ ସ୍ଥାନରେ ପଥର ଖଣିକୁ କାଟି ୩୦/୪୦ ଫୁଟ ଗଭୀରରେ ଗାତ କରିଦେଉଛନ୍ତି। ଫଳରେ ଜଙ୍ଗଲ ଜୀବଜନ୍ତୁମାନେ ପାଣି ପିଇବାକୁ ଆସି ଅକାରଣରେ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହି ଖବର ବିଶେଷସୂତ୍ରରୁ ଖବରପାଇ ଟାଙ୍ଗୀ ବନ ବିଭାଗ ଓ ନିରାକାରପୁର ଥାନା ପୋଲିସ ଚୋରା ମାଙ୍କଡ଼ା ପଥର କଟାଯାଉଥିବା ସ୍ଥାନରେ ମିଳିତ ଚଢାଉ କରିଥିଲେ। ତେବେ ବନ ବିଭାଗ ଏଇ ୨/୩ ମାସ ମଧ୍ୟରେ ୩ଟି କରତ କଳ ଯନ୍ତ୍ରାଂଶ ଜବତ କରିଥିଲେ ମଧ୍ୟ କାହାରିକୁ ଗିରଫ କରିପାରିନାହାଁନ୍ତି। ଖସି ଯାଇଥିବା ମାଫିଆମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

# କାଳିଆ ଭକ୍ତି ପାଇଁ ଚାଲିକରି ପୁରୀ ଯାତ୍ରା

କୃଷ୍ଣପ୍ରସାଦ,୮।୭(ଡି.ଏନ୍.ଏ.)



ପୁରୀର ବାହୁଡା ଯାତ୍ରା ଦେଖିବା ପାଇଁ ମହିଳାମାନେ ଚାଲିକରି ଯାଉଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରାକୁ ଦେଖିବାକୁ ଦେଶ ବିଦେଶରୁ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରକୁ ଛୁଟି ଆସନ୍ତି। କାଳିଆ ଭାବର ଠାକୁର ହୋଇଥିବାରୁ ଅନେକ ଶ୍ରଦ୍ଧାଳୁ ତା' ଭକ୍ତିରେ ମଜିଯାଇ ବିଭିନ୍ନ ଉପାୟରେ ଭକ୍ତିଭାବ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ କେତେଜଣ ଶ୍ରଦ୍ଧାଳୁ ଚାଲିକରି ପୁରୀ ଯାଉଥିବାର ଦେଖିବାକୁ ମିଳିଛି। ସାଲବେଗଙ୍କ ଭଳି ବିଶ୍ୱାସ ରଖି ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁ ଶହ ଶହ କିମି ଦୂର ଚାଲି କରି ପୁରୀ ଅଭିମୁଖେ ଯାଉଛନ୍ତି। ଗଞ୍ଜାମ ଜିଲା ରମ୍ଭା, ହୁମା ଆଦି ଗ୍ରାମରୁ ଶହ ଶହ ଭକ୍ତ କୃଷ୍ଣପ୍ରସାଦ ଦେଇ ଚାଲିଛନ୍ତି। ରବି ଜେନା, କୈଳାଶ ପଲେଇ, ସାଗରୀ ଜେନା, କାମିନୀ ଜେନା, ବାସନ୍ତୀ, ଦେବରାଜ ପଲେଇ କୁହନ୍ତି ଆଜକୁ ୧୮ ବର୍ଷରୁ ଅଧିକ ହେବ ଆମେ ଏହିଭଳି ଚାଲିକି ପୁରୀ ଯାଇ ବଡ଼ ଠାକୁରଙ୍କ ଦର୍ଶନ କରୁଛୁ। ଆମକୁ ଦେଖି ଏବେ ଅନେକ ମହିଳା, ପୁରୁଷ ପିଲାମାନେ ମଧ୍ୟ ଆମ ସହ ଯାଉଛନ୍ତି। ଆମେ ଯିବାଯାଏଁ ଠାକୁର ରଥରେ ହିଁ ଥିବେ। ଆମର ବହୁ ମାନସିକ ଠାକୁର ପୂର୍ଣ୍ଣ କରୁଛନ୍ତି। ଆମେ ଶହ ଶହ କିମି ଚାଲିଲେ ବି ଆମକୁ କିଛି କଷ୍ଟ ଲାଗୁନି ଏହା ଠାକୁରଙ୍କ ମହିମା ବୋଲି ସେମାନେ କହିଛନ୍ତି।

# ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ

ଯାଁଳା,୮।୭(ଡି.ଏନ୍.ଏ.)

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଯାଁଳାର ଓଗାଳପଡା ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଶୁକ୍ରବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯାଁଳା ପଞ୍ଚାୟତର ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମିତିସଭ୍ୟା ଯମୁନାରାଣୀ ବେହେରା, ୱାର୍ଡମେମ୍ବର ଶରତ କୁମାର ସାହୁ, ଆଞ୍ଚଳିକ ସାଧନ କର୍ମୀ ଝୁମୁରି ସାହୁ, ଏସ୍ଏମ୍‌ସି ସଭାପତି ଅକ୍ଷୟ ବେହେରା, କମିଟି ସଭ୍ୟ କହ୍ନେଇ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାର ଚାରାରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ ବୋଲି କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ବିଭିନ୍ନ ଚାରା ରୋପଣ କରିଥିଲେ। ସରପଞ୍ଚ ବୃକ୍ଷର ମାହାତ୍ମ୍ୟ ଏବଂ ଉପକାରିତା ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ। ୱାର୍ଡ ମେମ୍ବରଙ୍କ ଅନୁରୋଧ କ୍ରମେ ପିଲାମାନଙ୍କୁ ବେଞ୍ଚ ଏବଂ ଡେସ୍କ ଯୋଗାଇ ଦେବାକୁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ।

# ଶ୍ରୀଚନ୍ଦନପୁର ପାଟଣା ସମବାୟ ସମିତି ପୁନଃ ନିର୍ବାଚନ

ବୋଲଗଡ଼,୮।୭(ଡି.ଏନ୍.ଏ.)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବୋଲଗଡ଼ ବ୍ଲକ ଅଞ୍ଚଳରେ ଥିବା ୨୨ଟି ସେବା ସମବାୟ ସମିତି ମଧ୍ୟରୁ ୨୧ଟି ସମିତିର ପରିଚାଳନା ପରିଷଦ ପାଇଁ ସମବାୟ ନିର୍ବାଚନ ନିର୍ଦ୍ଧାରିତ ତାରିଖ ସୂଚୀ ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଭୋଟର ତାଲିକାରେ ତ୍ରୁଟି ଅଭିଯୋଗରେ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତିର ନିର୍ବାଚନ ସ୍ଥଗିତ ରହିଥିଲା। ତେବେ ଉକ୍ତ ସମିତି କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ସମିତିର ପରିଚାଳନା ପରିଷଦ ନିର୍ବାଚନ ପାଇଁ ପୁନଃ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ରାଜ୍ୟ ସମବାୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟ ସୂଚୀ ନିର୍ଦ୍ଧାରିତ ହୋଇଛି। ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ଲିଃର ପରିଚାଳନା ପରିଷଦ ସଦସ୍ୟା ସଦସ୍ୟ ନିର୍ବାଚନ ପାଇଁ ୧୧ତାରିଖରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବୋଲଗଡ଼ ଶାଖାଠାରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ମନୋନୟନ ପତ୍ର ଦାଖଲ ହେବା ପାଇଁ ସୂଚନା ରହିଛି। ଏଥିସହିତ ନିର୍ଦ୍ଧାରିତ ନିର୍ବାଚନ ପ୍ରକ୍ରିୟା ଅନୁସାରେ ଉକ୍ତ ସମିତି କାର୍ଯ୍ୟାଳୟରେ ୨୪ତାରିଖରେ ଭୋଟ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ସୂଚନାଯୋଗ୍ୟ, ଏହି ସମିତିର ପରିଚାଳନା ପରିଷଦ ନିର୍ବାଚନ ପାଇଁ ପ୍ରକାଶିତ ପ୍ରାଥମିକ ଭୋଟର ତାଲିକାରେ ତ୍ରୁଟି ଥିବା ଅଭିଯୋଗ ହେବାରୁ ମନୋନୟନ ପ୍ରକ୍ରିୟା ହୋଇ ନ ଥିଲା ।

# ସମର୍ପିତ ଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ





ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

### ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ

ଖୋର୍ଦ୍ଧା ଅଫିସ,୮।୭

ଖୋର୍ଦ୍ଧା ରୋଟାରୀ ଭବନ ପରିସରରେ ରୋଟାରୀ ପରିବାରର ଅଧିଷ୍ଠାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବରେ ରୋଟାରିଆନ ଜୟଶ୍ରୀ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ରୋଟାରୀ ଆନ୍ଦୋଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଥିପାଇଁ ସମସ୍ତ ରୋଟାରିଆନମାନେ ନିଜକୁ ସମର୍ପିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ରୋଟାରିଆନ ତଥା କ୍ଲବ ସଭାପତି ସୌର୍ଯ୍ୟରଞ୍ଜନ ମହାନ୍ତି ଓ ସମ୍ପାଦକ ରୁଦ୍ରନାରାୟଣ ଦତ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରୋଟାରିଆନ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ସବ୍ୟସାଚୀ ଚକ୍ରବର୍ତ୍ତୀ, ତାପସ ବୋଷ, ଦେବପ୍ରସାଦ ମଜୁମଦାର, ଦିଲୀପ ସାହୁ, ସୁକାନ୍ତ ନାୟକ, କ୍ଷୀରୋଦ ପ୍ରସାଦ ମହାନ୍ତି, ସଞ୍ଜୟ ବର୍ମନ, ମିହିର ନାୟକ, ବିଦାୟୀ ସମ୍ପାଦକ ପ୍ରହ୍ଲାଦ ପ୍ରଧାନ, ଇନର ହୁଇଲ କ୍ଲବର ମମତା ଦେ, ସ୍ମୃତିରଞ୍ଜନ ସାହୁ, ପ୍ରିୟବ୍ରତ ରାଉତ, ଦେବୀପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଇନର ହୁଇଲ ସମ୍ପାଦିକା ସ୍ୱୟଂପ୍ରଭା ପଟ୍ଟନାୟକ, ଲୋକେଶ ନାୟକ ଦେବୀପ୍ରସାଦ ଦାସଙ୍କ ସମେତ ରାଜୀବ ପଟ୍ଟନାୟକ, ରାମଶଙ୍କର, ପ୍ରଭାତ ସ୍ୱାଇଁ, ଅମିତ ରାୟ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଖୋର୍ଦ୍ଧା ଅଞ୍ଚଳର ଡା. ଗଙ୍ଗାଧର ପରମଗୁରୁ ଓ ଡା. ସୂର୍ଯ୍ୟକାନ୍ତ ପଟ୍ଟଯୋଶୀଙ୍କୁ ଉତ୍ତମ ସେବା ଯୋଗାଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ସହରର ସମାଜ ସେବା କ୍ଷେତ୍ରରେ ଉଲ୍ଲେଖ୍ୟଯୋଗ୍ୟ କାମ କରିଥିବାରୁ କେତେଜଣ ସାମାଜିକ କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ୨ ମନ୍ଦିରରୁ ଦାନହୁଣ୍ଡି ଟଙ୍କା ଚୋରି

ପିପିଲି,୮।୭(ଡି.ଏନ୍.ଏ.)

ପିପିଲିସ୍ଥିତ ବାବା ଗତିଶ୍ୱର ଦେବ ଓ ଶନିଦେବଙ୍କ ମନ୍ଦିରରୁ ଦାନହୁଣ୍ଡି ଟଙ୍କା ଚୋରି ହୋଇଛି। ଗୋବର୍ଦ୍ଧନପୁର ଗ୍ରାମ ଅଧୀନ ବାବା ଗତିଶ୍ୱର ମହାଦେବ ଓ ତାଙ୍କ ପାର୍ଶ୍ୱରେ ଥିବା ଶନିଦେବଙ୍କ ମନ୍ଦିରରୁ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ଆସି ୨ ମନ୍ଦିରର ଦାନବାକ୍ସ ଚାବିକୁ ଭାଙ୍ଗି ଟଙ୍କାକୁ ସବୁ ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାଟବଣା

ବୋଲଗଡ଼,୮।୭(ଡି.ଏନ୍.ଏ.)

ରାଜ୍ୟରେ ଶ୍ରମିକମାନଙ୍କୁ କାମ ଅନ୍ୱେଷଣରେ ବାହାରକୁ ନ ଯାଇ ନିଜ ଅଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ସାମିଲ କରାଯାଇ ରୋଜଗାରକ୍ଷମ କରାଇବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ଏହି ଯୋଜନାର ବ୍ୟତିକ୍ରମ ଘଟି ଶ୍ରମିକଙ୍କୁ ନ ଲଗାଇ ଜେସିବି ସାହାଯ୍ୟରେ ପ୍ରଶାସନିକ କର୍ମଚାରୀମାନେ ମାଟି କାମ କରୁଥିବା ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ କଡ଼ବ ପଞ୍ଚାୟତରେ ହୋଇଥିବା ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ବୋରିକ ନୂଆଗାଁ ଗ୍ରାମର ସାନ ପୋଖରୀ ଖୋଳିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ସାମିଲ କରାଯାଇ ୨୦୧୬-୧୭ ଆର୍ଥିକ ବର୍ଷରେ ୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ସେହିବର୍ଷ କିଛି ମାତ୍ରାରେ କାମ କରି କୋଭିଡ୍ ମହାମାରୀ ସଂକ୍ରମଣ ଯୋଗୁ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହୋଇଥିଲା। ପୁନର୍ବାର ଏବେ ଏହି କାର୍ଯ୍ୟକୁ ନାମକୁମାତ୍ର ଲୋକ ଓ ଜେସିବି ଲଗାଇ ମାଟି କାର୍ଯ୍ୟ କରି ମଞ୍ଜୁର ଅର୍ଥକୁ ଆତ୍ମସାତ କରିଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ ପାଇଁ ଗ୍ରାମର ଦାଶରଥି ବେହେରା, ନିରଞ୍ଜନ ବେହେରା, ସୁମନ୍ତ କୁମାର ଦାସ, ବିରଞ୍ଚି ଦଳେଇ ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଜିଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଓ ବୋଲଗଡ଼ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ ଧୋବେଇ ନାୟକଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଅଭିଯୋଗ ହୋଇ ନାହିଁ ବୋଲି କହିଥିଲେ।

# ଭୂମିହୀନଙ୍କୁ ସ୍ଥାୟୀ ଜମିପଟ୍ଟା ଦାବି



କୁକୁଡାମୁଣ୍ଡି ଗ୍ରାମର ଏକାଧିକ ଭୂମିହୀନ ଗ୍ରାମବାସୀ ସ୍ଥାୟୀ ବାସସ୍ଥାନ ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ଖୋର୍ଦ୍ଧା ଅଫିସ,୮।୭

ଭୁବନେଶ୍ୱର ବ୍ଲକ ମେଣ୍ଢାଶାଳ ପଞ୍ଚାୟତ କୁକୁଡାମୁଣ୍ଡି ଗ୍ରାମର ଏକାଧିକ ଭୂମିହୀନ ଗ୍ରାମବାସୀ ସ୍ଥାୟୀ ବାସସ୍ଥାନ ଯୋଗାଇଦେବା ଦାବିରେ ଜିଲାପାଳଙ୍କୁ ଶୁକ୍ରବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ,ଏହି ଗ୍ରାମର ଖାତା ନଂ ୮୨୮ ଓ ୮୩୦ ଅନାବାଦୀ ଜମିରେ ଶହେରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘବର୍ଷ ଧରି ପରିବାର ସହ ରହି ଆସୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆବାସ, ବିଦ୍ୟୁତ, ପାନୀୟଜଳ, ପାଇଖାନା ପ୍ରଭୃତି ଯୋଗାଇ ଦିଆଯାଇଛି। ଏଠାରେ ରହୁଥିବା ଅଧିକାଂଶ ପରିବାର ଖଟିଖିଆ ଓ ଦିନ ମଜୁରିଆ ଶ୍ରେଣୀର। ତେବେ ନିକଟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉପରୋକ୍ତ ପ୍ଲଟରେ ମାପଚୁପ ଚାଲିଛି। ସେଠାରେ ରହୁଥିବା ପରିବାରଙ୍କୁ ଉଚ୍ଛେଦ କରାଯିବା ଲାଗି ଜଣାପଡିବା ପରେ ଅନ୍ତେବାସୀ ଭୟଭୀତ ହୋଇପଡିଛନ୍ତି। ଏହି ପରିବାରଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ ଲାଗି ଦାବି କରିଛନ୍ତି।

# ଚିଲିକାରେ ଫସିଲା ଭସାପୋଲ

କୃଷ୍ଣପ୍ରସାଦ,୮।୭(ଡି.ଏନ୍.ଏ.)

### ସାତପଡ଼ା-ଜହ୍ନିକୁଦାକୁ ସ୍ଥାୟୀ ବ୍ରିଜ୍ ନିର୍ମାଣ ଦାବି



ଚିଲିକାରେ ପୁଣି ଫସିଲା ଭସାପୋଲ। ଗତ କିଛି ମାସ ମଧ୍ୟରେ ବାରମ୍ବାର ଭସାପୋଲ ଚିଲିକାରେ ଫସି ରହୁଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମାଧାନ କ୍ଷେତ୍ରରେ ପଦକ୍ଷେପ ନେଉନାହାନ୍ତି। ଯାହାଫଳରେ ଭସାପୋଲରେ ଯାତ୍ରା କରୁଥିବା ଲୋକେ ନାନା ଭୟଭୀତ ଅବସ୍ଥାରେ ରହୁଛନ୍ତି। ତେବେ ଶୁକ୍ରବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା ଘାଟରୁ ଏକ ଯାତ୍ରୀବାହୀ ଭସାପୋଲ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଓ ପରିବହନ ନେଇ ସାତପଡ଼ା ଯାଉଥିବାବେଳେ ଚିଲିକାରେ ଫସିଯାଇଥିଲା। ଅପରାହ୍ନ ୫ଟାରେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ, ୧୫ଟି ଦୁଇଚକିଆ ଗାଡି, ୫ଟି ଚାରିଚକିଆ ଗାଡି ନେଇ ଭସାପୋଲଟି ଯାଉଥିବା ବେଳେ ମାତ୍ର ୫୦୦ ମିଟର ଦୂର ଯିବା ପରେ ଏକ ଢିପରେ ଫସିଯାଇଥିଲା। ଫଳରେ ସେଥିରେ ଥିବା ଲୋକେ ଭୟଭୀତ ହୋଇଯାଇଥିଲେ। ଖବରପାଇ ଅନ୍ୟ ଏକ ଘରୋଇ ଡଙ୍ଗା ସେଠାକୁ ଯାଇ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲା। ହେଲେ ଯାନବାହନ ସେମିତି ଉକ୍ତ ଭସାପୋଲରେ ରହିଥିବା ବେଳେ ପରେ ଅନ୍ୟ ଡଙ୍ଗା ସାହାଯ୍ୟରେ ଦିଗ ପରିବର୍ତ୍ତନ କରାଯାଇ ଅଣାଯାଇଥିଲା। ସୂଚନାଥାଉକି, ବାହୁଡା ଯାତ୍ରା ଦେଖିବା ଲାଗି ଶତାଧିକ ଶ୍ରଦ୍ଧାଳୁ ଜହ୍ନିକୁଦା ଘାଟ ଦେଇ ପୁରୀ ଯାଇଥାନ୍ତି। ଭସାପୋଲ ଯାତାୟାତ କରୁଥିବା ଚାନେଲ ନ ଖୋଳିବା ଯୋଗୁ ପାଣି ଶୁଖି ଏହିଭଳି ବହୁବାର ଅଟକିଥିବା ନଜିର ରହିଛି। ତେଣୁ ସାତପଡ଼ା - ଜହ୍ନିକୁଦା ଚିଲିକାରେ ସବୁଦିନିଆ ଏକ ସ୍ଥାୟୀ ବ୍ରିଜ ନିର୍ମାଣ ପାଇ ସାଧାରଣରେ ଦାବି ହେଉଛି।

## ଏସ୍‌ସିବି ମେଡିକାଲରୁ ୪ ଦଲାଲ ଗିରଫ

କଟକ ଅଫିସ: ଏସ୍‌ସିବି ମେଡିକାଲରୁ ୪ ଜଣ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ପୁର ଅଞ୍ଚଳର ଅଜିତ୍ ନାଏକ, ବାଙ୍କୀ ଅଞ୍ଚଳର ଅରବିନ୍ଦ ହାତୀ, ବଡମ୍ବା ଅଞ୍ଚଳର ରାମଚନ୍ଦ୍ର ଖଟୁଆ ଓ ଢେଙ୍କାନାଳର ତପନ ନାଏକ। ଶୁକ୍ରବାର ମେଡିକାଲର ଟ୍ରମା କାଜୁଆଲ୍‌ଟି ନିକଟରେ ଅଭିଯୁକ୍ତମାନେ କେତେଜଣ ରୋଗୀ ସମ୍ପର୍କୀୟଙ୍କୁ ଭେଟି କମ୍ ମୂଲ୍ୟରେ ଘରୋଇ ମେଡିକାଲରେ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ପ୍ରଲୋଭିତ କରୁଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୧/୨୨) ରୁଜୁ ହୋଇଛି।



## ସଂକ୍ଷେପରେ

### ଯୌତୁକ ନିର୍ଯାତନା, ୪ ଗିରଫ

କଟକ ସଦର,୮।୭(ଡି.ଏନ.ଏ.): ନବବଧୂଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ୪୨ ମୌଜା ପୋଲିସ ୪ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କୂଳସରିଚୁଆଁ ଗ୍ରାମର ସ୍ୱାମୀ ପ୍ରଭାତ ଭୋଇ, ଶାଶୁ ପ୍ରମିଳା ଭୋଇ, ନଣନ୍ଦ ରେଶ୍ମା ଭୋଇ ଓ ଶ୍ୱଶୁର ଭାଗୀରଥି ଭୋଇ। ପୋଲିସ ସୂତ୍ରରୁ ପ୍ରକାଶ, ମଧୁପାଟଣା ଥାନା ଅନ୍ତର୍ଗତ ସାର୍ତ୍ତୋଳ ଗ୍ରାମର ଅଶୋକ ଦାସଙ୍କ ଝିଅ ସୋନିଆଙ୍କୁ ଜୁନ୍ ୨୬ ତାରିଖରେ ପ୍ରଭାତ ବିବାହ କରିଥିଲେ। ଏହାପରେ ଶାଶୁଘର ଲୋକମାନେ ୨ ଲକ୍ଷ ଟଙ୍କା ଯୌତୁକ ଦାବିକରି ସୋନିଆଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରି କି ବିବାହର ୬ ଦିନ ପରେ ତାଙ୍କୁ ନିସ୍ତୁକ ମାଡ ମାରି ଆହତ କରିଥିଲେ। ଖବରପାଇ ବାପଘର ଲୋକେ ପହଞ୍ଚି ସୋନିଆଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଅଶୋକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୩/୨୨) ରୁଜୁ କରିଥିଲା।

### ଅଗ୍ନି ନିରାପତ୍ତା କୌଶଳ ଶିଖିଲେ ଛାତ୍ରୀଛାତ୍ର

ଖୁଣ୍ଟୁଣୀ, ୮।୭(ଡି.ଏନ.ଏ.): ଖୁଣ୍ଟୁଣୀସ୍ଥିତ ସରକାରୀ ନୋଡାଲ ହାଇସ୍କୁଲରେ ଆଠଗଡ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଠାତ୍ ଅଗ୍ନିକାଣ୍ଡ ଘଟିଲେ ଛାତ୍ରୀଛାତ୍ରମାନେ କିଭଳି ଭାବେ ନିଜକୁ ରକ୍ଷା କରିବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିପାରିବେ ସେ ସମ୍ପର୍କରେ ଆଠଗଡ଼ ଅଗ୍ନିଶମ ଅଧିକାରୀ ଦୁଷ୍ମନ୍ତ ସ୍ୱାଇଁ ବୁଝାଇଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ଅଗ୍ନି ନିରାପତ୍ତା କୌଶଳ ଶିଖିଥିଲେ।

### ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

କଣ୍ଟାପଡା,୮।୭(ଡି.ଏନ.ଏ.): ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦୀୟ ବକେୟା ଅର୍ଥ ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ କଣ୍ଟାପଡ଼ା ବ୍ଲକ ସମ୍ମୁଖରେ ଅନଶନରେ ବସିଥିବା ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଲାଲାଟେନ୍ଦୁ ପ୍ରସାଦ ଦାସ ଶୁକ୍ରବାର ଓହରି ଯାଇଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ଗୋବିନ୍ଦପୁର ପଞ୍ଚାୟତରେ ଚତୁର୍ଦ୍ଦଶ ଓ ପଞ୍ଚଦଶ ଅନୁଦାନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟଗୁଡିକର ଯାଞ୍ଚ ପ୍ରକ୍ରିୟା ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇ ବିଲ୍ ପ୍ରସ୍ତୁତ ସରିଥିଲା। ମାତ୍ର ନିର୍ବାଚନ ଦୃଷ୍ଟିରୁ ଅର୍ଥ ପ୍ରଦାନ ହୋଇପାରି ନ ଥିଲା। ନୂତନ ପଞ୍ଚାୟତ ଗଠନ ହେବା ପରେ ପଞ୍ଚାୟତ କାର୍ଯ୍ୟାଳୟରୁ ଫାଇଲଗୁଡ଼ିକ ଗାଏବ ହୋଇଯିବାରୁ ବକେୟା ଅର୍ଥ ମିଳିପାରି ନ ଥିଲା। ଫଳରେ ଏହି କାର୍ଯ୍ୟ ପାଇଁ ନିୟୋଜିତ ଶ୍ରମିକ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇଥିବା ବ୍ୟବସାୟୀମାନେ ଅର୍ଥ ପାଇବା ପାଇଁ ଲଲାଟେନ୍ଦୁଙ୍କ ପାଖକୁ ନିୟମିତ ଆସୁଥିଲେ। ମାତ୍ର ବିଭାଗୀୟ ଅଧିକାରୀ ଫାଇଲ ମିଳୁ ନ ଥିବା ଆଳ ଦେଖାଇ ଚୁପ୍ ରହୁଥିଲେ। ଏହାର ପ୍ରତିବାଦରେ ଗତ ସୋମବାରଠାରୁ ଲଲାଟେନ୍ଦୁ ଆମରଣ ଅନଶନରେ ବସିଥିଲେ। ଶୁକ୍ରବାର ବିଭାଗୀୟ ଅଧିକାରୀ ଓ ବିଡିଓ ସନ୍ତୋଷ ପତି ପହଞ୍ଚି ତିନୋଟି ପ୍ରକଳ୍ପର ବକେୟା ପ୍ରାପ୍ୟ ପାଇଁ ଫାଇଲ କାର୍ଯ୍ୟ ଶେଷ ହୋଇଥିବା କହିବା ସହ ଅନ୍ୟଗୁଡ଼ିକର କାର୍ଯ୍ୟ ତୁରନ୍ତ କରିବାକୁ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଏହି ସମୟରେ କଣ୍ଟାପଡ଼ା ପଞ୍ଚାୟତ ସମିତି ଅଧକ୍ଷା ଜିନା ଭୋଇ ଓ ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳ ଉପସ୍ଥିତ ଥିଲେ।

# ସହରରେ ପଲିଥିନ୍ କଟକଣା ଫେଲ୍ ମାରିଛି

କଟକ ଅଫିସ,୮।୭

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ୨୦୧୧ରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ, ପଲିଥିନ ବିକ୍ରି ଓ ବ୍ୟବହାର ଉପରେ କଟକଣା ଜାରି କରାଯାଇଥିଲା। ବିଭିନ୍ନ ସ୍ଲୋଗାନ ଦିଆଯିବା ସହ ପ୍ରଚାରପତ୍ର ବଣ୍ଟନ କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଇତିମଧ୍ୟରେ ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବାରେ ସିଏମ୍‌ସି ଫେଲ୍ ମାରିଛି। ପୁନର୍ବାର ଗତ ଜୁଲାଇ ୧ରୁ ଏହା ଉପରେ କଟକଣା ଜାରି କରାଯାଇଛି। ଫଳରେ ସିଏମ୍‌ସି ଲୋକ ଦେଖାଣିଆ ଭାବେ କେତେକ ସ୍ଥାନରେ ଚଢାଉ କରିଛି।

୨୦୧୮ରେ ମହାତ୍ମା ଗାନ୍ଧୀଙ୍କ ୧୪୯ ତମ ଜୟନ୍ତୀ ଅବସରରେ ରାଜ୍ୟ ସରକାର ସିଏମ୍‌ସି ସମେତ ୫ଟି ମହାନଗର ନିଗମ ଅଞ୍ଚଳରେ ପଲିଥିନ ବ୍ୟବହାର ନିଷେଧ ବୋଲି ଘୋଷଣା କରିଥିଲେ। ଇତିମଧ୍ୟରେ ୪ ବର୍ଷ ବିତିଥିଲେ ମଧ୍ୟ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। କାଁ ଭାଁ ଅଳ୍ପକିଛି ଦୋକାନ ଉପରେ ଚଢ଼ାଉ କରି ସିଏମ୍‌ସି ଦାୟିତ୍ୱ ଶେଷ କରିଦେଉଛି। ମୋଟାମୋଟି ଭାବେ କହିବାକୁ ଗଲେ ପଲିଥିନ୍ ଉତ୍ପାଦନ ଉପରେ ରୋକ୍ ଲଗାଇବାରେ ସିଏମ୍‌ସି ବିଫଳ ହୋଇଥିବାବେଳେ ଏହାର ବିକଳ୍ପ ବ୍ୟବସ୍ଥା ବାହାର କରିପାରିନାହିଁ। ଫଳରେ ସହରରେ ଦିନକୁ ଦିନ ପଲିଥିନ ବ୍ୟବହାର ବଢିଚାଲିଛି। ଛୋଟରୁ ବଡ ଦୋକାନରେ ବ୍ୟବସାୟୀମାନେ ପଲିଥିନ୍ ଦ୍ୱାରା ବିଭିନ୍ନ ସାମଗ୍ରୀ ଗ୍ରାହକଙ୍କୁ ଦେଉଛନ୍ତି। ବ୍ୟାପକ ମାତ୍ରାରେ ଏହାର ବ୍ୟବହାର ଯୋଗୁ ପରିବେଶ ଉପରେ ପ୍ରଭାବ ପଡୁଛି। ଲୋକମାନେ ପଲିଥିନ ବ୍ୟବହାର କରି ନାଳନର୍ଦ୍ଦମାରେ ପକାଇବା ଯୋଗୁ ବର୍ଷାଜଳ ନିଷ୍କାସନରେ ସମସ୍ୟା ହେଉଛି। ଅପରପକ୍ଷେ ଏହି ପଲିଥିନ୍‌କୁ ଗୋରୁମାନେ ଖାଇ ଅସୁସ୍ଥ ଅନୁଭବ କରୁଛନ୍ତି। ଯଦି ପଲିଥିନ୍ ପ୍ରସ୍ତୁତ କାରଖାନାରେ ଚଢାଉ କରି ଉତ୍ପାଦନ ବନ୍ଦ କରାଯାଆନ୍ତା ତା'ହେଲେ ଏହାର ବ୍ୟବହାର ଉପରେ ରୋକ୍ ଲଗାଯାଇପାରନ୍ତା। ଏନେଇ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ କହିଛନ୍ତି, ଲୋକଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେଉଛୁ। ଏବେ ଆମେ ଏହାର ବିକଳ୍ପ ଖୋଜୁଛୁ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏହା ବିକଳ୍ପ ବ୍ୟବସ୍ଥା ପାଇଁ ଯୋଜନା କରାଯାଇଛି। ପଲିଥିନ ବ୍ୟବହାର ରୋକିବାକୁ ହେଲେ ଏହା ଏକମାତ୍ର ଉପାୟ। ଏଥିପାଇଁ ପ୍ରାୟ ୨ ମାସ ସମୟ ଲାଗିବ। ଗୋଦାମ ଓ ଦୋକାନଗୁଡିକରେ ଚଢଉ କରାଯାଉଛି। ଯଦି କୌଣସି ସ୍ଥାନରେ ପଲିଥିନ ଉତ୍ପାଦନ ହେଉଥିବା ନେଇ କେହି ସୂଚନା ଦିଅନ୍ତି, ଆମେ ସେଠାରେ ଚଢ଼ାଉ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସେ କହିଛନ୍ତି।

### ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି

"ବର୍ଜ୍ୟବସ୍ତୁର ୭୦ ଭାଗ ହେଉଛି ପଲିଥିନ। ରୌଦ୍ରତାପ ଯୋଗୁ ପଲିଥିନରୁ ବିଷାକ୍ତ ବାଷ୍ପ ନିର୍ଗତ ହେଉଛି। ଏହାଦ୍ୱାରା ବାୟୁମଣ୍ଡଳ ମାତ୍ରାଧିକ ପ୍ରଦୂଷିତ ହେଉଛି। ଏଥିସହ ବର୍ଜବସ୍ତୁରେ ଗଦା ହୋଇଥିବା ପଲିଥିନ ଦୀର୍ଘଦିନ ଧରି ପଡିରହିବା ଦ୍ୱାରା ମାଇକ୍ରୋ ପ୍ଲାଷ୍ଟିକରେ ପରିଣତ ହେଉଛି। ଏହା ଧୂଳିକଣା ସହ ମିଶି ବାୟୁମଣ୍ଡଳକୁ ଯାଉଛି। ଫଳରେ ମନୁଷ୍ୟ ନିଃଶ୍ୱାସ ନେବା ଦ୍ୱାରା ତାହା ଶରୀରକୁ ଯାଇ ଅନେକ ରୋଗର କାରଣ ହୋଇଥାଏ। ଯଦି ଆମେ ପଲିଥିନ ବ୍ୟବହାର ବନ୍ଦ ନ କରିବା ଆଗାମୀ ଦିନରେ ସମଗ୍ର ଜୀବଜଗତ ପାଇଁ ଅତ୍ୟନ୍ତ କ୍ଷତିକାରକ ହେବ।

**ଆଶୁତୋଷ ଦେବତା, ପରିବେଶବିତ୍**

- ୧୧ ବର୍ଷ ପରେ ବି ବ୍ୟବହାର ଉପରେ ରୋକ୍ ଲଗାଯାଇପାରିନାହିଁ
- ବିକଳ୍ପ ବ୍ୟବସ୍ଥା ଖୋଜୁଛି ସିଏମ୍‌ସି

# ମରାମତି ହେଲା ରାସ୍ତା



ମଙ୍ଗୁଳି ଓଭରବ୍ରିଜ ନିକଟରେ ରାସ୍ତା ମରାମତି କରାଯାଉଛି।

ମଙ୍ଗୁଳି,୮।୭(ଡି.ଏନ.ଏ.)

୫୫ନଂ. ଜାତୀୟ ରାଜପଥର ଚାଉଳିଆ ପୋଲ ନିକଟରୁ ମଙ୍ଗୁଳି ଓଭରବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିଲା। ଏଥିରେ ବାଇକ୍ ଆରୋହୀ ଓ ପଥଚାରୀମାନେ ପଡି ଆହତ ହେଉଥିଲେ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ରାସ୍ତା ମରାମତି କରାଯାଉ ନ ଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଶୁକ୍ରବାର ଧରିତ୍ରୀରେ 'ରାସ୍ତାରେ ଖାଲ, ବଢୁଛି ଦୁର୍ଘଟଣା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାର ୨୪ ଘଣ୍ଟା ନ ପୂରୁଣ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସକାଳେ ଏକ ଡାଲାଅଟୋରେ କଂକ୍ରିଟଗୁଣ୍ଡ ଅଣାଯାଇ ଶ୍ରମିକଙ୍କ ସହାୟତାରେ ଖାଲ ମରାମତି କରାଯାଇଥିଲା। ଫଳରେ ଯାତାୟାତରେ ଉପଯୋଗୀ ହେବାରୁ ଗାଡି ଓ ସାଇକେଲ ଚାଳକଙ୍କ ସମେତ ପଥଚାରୀ ଆଶ୍ୱସ୍ତ ଅନୁଭବ କରିଛନ୍ତି।

**ଧରିତ୍ରୀ ପ୍ରଭାବ**

# ରାସ୍ତା ମରାମତି ସାରିବା ପାଇଁ ଦାବି



ଜାଇକା ମୁଖ୍ୟଯନ୍ତ୍ରୀଙ୍କ ସହ କଂଗ୍ରେସ କର୍ପୋରେଟମାନେ ଆଲୋଚନା କରୁଛନ୍ତି।

କଟକ ଅଫିସ, ୮।୭

କଟକ ସହରର ବିଭିନ୍ନ ଅଞ୍ଚଳରେ ଜାଇକା ପକ୍ଷରୁ ଅଧାପନ୍ତରିଆ କାର୍ଯ୍ୟ କରାଯାଇଛି। ବିଭିନ୍ନ ରାସ୍ତାଘାଟ ଖୋଳାଯାଇଥିଲେ ମଧ୍ୟ ମରାମତି କରାଯାଉନାହିଁ। ବର୍ଷା ହେଲେ ସାହିବସ୍ତିରୁ ଜଳ ନିଷ୍କାସନରେ ସମସ୍ୟା ହେଉଛି। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଏ ନେଇ କଟକ ମହାନଗର ନିଗମ(ସିଏମ୍‌ସି)ର କଂଗ୍ରେସ କର୍ପୋରେଟରମାନେ ଶୁକ୍ରବାର ମହାନଦୀ ବିହାରସ୍ଥିତ ଜାଇକା କାର୍ଯ୍ୟାଳୟରେ ମୁଖ୍ୟଯନ୍ତ୍ରୀ ଆର୍.ଏନ୍. ମଲ୍ଲିକଙ୍କୁ ଭେଟିଥିଲେ। ତୁରନ୍ତ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଦାବି କରିଥିଲେ। କର୍ପୋରେଟର ସନ୍ତୋଷ କୁମାର ଭୋଳଙ୍କ ନେତୃତ୍ୱରେ ଅନ୍ୟ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପସାୟତ, ସୁବାଶିଷ ପଟ୍ଟନାୟକ, ଲିଜାରାଣୀ ରାଉତ, କେ. କାମେଶ୍ୱର ରାଓ, ଜନାର୍ଦ୍ଦନ ପରିଡା, ସୁରଜିତ୍ ସାହୁ, ଅଶୋକ ସ୍ୱାଇଁ, ସ୍ମୃତି ରଞ୍ଜନ ରାଉତ, ସୌମେନ୍ଦ୍ର ମହାନ୍ତି, ପ୍ରତାପ ପରିଡା ପ୍ରମୁଖ ଜାଇକା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ବିଚାର ବିଭାଗକୁ ସ୍ୱାଧୀନତା ଦେବ ସଚେତନ ଜନମତ

**ବିଚାର ବିଭାଗର ସ୍ୱାଧୀନତା ଓ ଦକ୍ଷତା ଶୀର୍ଷକ ଆଲୋଚନାଚକ୍ର**

କଟକ ଅଫିସ, ୮।୭

ଦେଶର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ସଙ୍କଟ ମଧ୍ୟରେ ଗତି କରୁଛି। ଏପରି କି ନ୍ୟାୟପାଳିକାଠାରୁ ଆରମ୍ଭ କରି ଅନ୍ୟ ସ୍ୱାଧୀନ ବିଧିବ୍ୟବସ୍ଥାର ସାମ୍ବିଧାନିକ ସୁରକ୍ଷା ଉପରେ ଆକ୍ରମଣ ବଢିବାରେ ଲାଗିଛି। ଦେଶରେ ଧର୍ମୀୟ ଉତ୍ତେଜନା, ଦଳିତ, ଆଦିବାସୀ, ମହିଳା ହିଂସା ବଢିବାରେ ଲାଗିଛି। ସଂସଦରେ ନାଗରିକ ସଂଶୋଧନ ଆଇନ୍ ଆଣି ସାମ୍ପ୍ରଦାୟିକ ବିଭେଦ, ଉତ୍ତେଜନାକୁ ସରକାର ପ୍ରୋତ୍ସାହନ ଦେଇଛନ୍ତି ବୋଲି ରାଷ୍ଟ୍ରୀୟ ଯୁବା ସଂଗଠନର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ ପଟ୍ଟନାୟକ କହିଛନ୍ତି। ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ବିଚାର ବିଭାଗର ସ୍ୱାଧୀନତା ଓ ଦକ୍ଷତା ଶୀର୍ଷକ ଆଲୋଚନାଚକ୍ର କଟକ ଗାନ୍ଧୀଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟନାୟକ ଅଧ୍ୟକ୍ଷତା କରି ସଚେତନ ଜନମତ ହିଁ ବିଚାର ବିଭାଗକୁ ସ୍ୱାଧୀନତା ଦେଇପାରିବ ବୋଲି କହିଥିଲେ। ଏହି ସଭାରେ ଆଡ୍‌ଭୋକେଟ ଚିତ୍ତରଞ୍ଜନ ମହାନ୍ତି, ସୁରେନ୍ଦ୍ର ନାଥ କର, ରାମଚନ୍ଦ୍ର ରାୟ, ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂଯୋଜକ ଡା. ବିଶ୍ୱଜିତ୍, ସେକ୍ କମିଲୁଦ୍ଦିନ ଅହମଦ, ସୁରଜିତ ସିଂହ, ଅର୍ଚ୍ଚନାରାଣୀ ଭୂୟାଁ, ଭଗବାନ ନାଥ, କାମିନୀକାନ୍ତ ମହାନ୍ତି, ବସ୍ତିନେତା ଖଗେଶ୍ୱର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଗଠନର ଜିଲା ସଂଯୋଜକ ସାଗର ଦାସ ଧନ୍ୟବାଦ ଦେଇଥିଲେ।

# 'ସ୍କୁଲରେ ଟିକା ବ୍ୟବସ୍ଥା କର'

କଟକ ଅଫିସ, ୮।୭

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶୁକ୍ରବାର ବିଜୁ ଭବନ ପରିସରରେ କୋଭିଡ୍ ଟିକାକରଣ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ, ବିଭିନ୍ନ ସରକାରୀ ଓ ବେସରକାରୀ କଲେଜର ଅଧ୍ୟକ୍ଷ ଓ ସ୍କୁଲର ପ୍ରଧାନ ଶିକ୍ଷକମାନେ ଯୋଗଦେଇଥିଲେ। ୧୨ରୁ ୧୪ ଏବଂ ୧୫ରୁ ୧୭ ବର୍ଷ ବୟସର ପିଲାଙ୍କ ଟିକାକରଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ମେୟର କହିଥିଲେ, ୱାର୍ଡ ଅନୁଯାୟୀ ଏହି ବୟସର ପିଲାଙ୍କୁ ଟିକା ପ୍ରଦାନ କରାଯିବ। ଏଥିସହ ସ୍କୁଲଗୁଡିକରେ ଟିକାକରଣ ବ୍ୟବସ୍ଥା କରିବା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଶିକ୍ଷାନୁଷ୍ଠାନଗୁଡିକରେ ସାମାଜିକ ଦୂରତା ରକ୍ଷା କରିବା, ସାନିଟାଇଜର ଓ ମାସ୍କ କଟକଣାକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# 'କଳା ପାରଦର୍ଶିତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ'

**ଜିଲା କଳା ସଂସ୍କୃତି ସଂଘର କାର୍ଯ୍ୟକାରୀ ବୈଠକ**

କଟକ ଅଫିସ, ୮।୭

ଜିଲା କଳା ସଂସ୍କୃତି ସଂଘର କାର୍ଯ୍ୟକାରୀ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ସଭାପତି ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି ଜିଲାର କଳାକାରମାନଙ୍କୁ କଳା ପରିବେଷଣ ଓ ପ୍ରୋତ୍ସାହନ ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାସ୍ତରରେ ଏକ ସଂଯୋଜନା କମିଟି ଗଠନ କରାଯାଇ ବିଭିନ୍ନ ବିଭାଗରୁ ଇନ୍‌ଫର୍ମେଶନ, ଏଜୁକେଶନ ଓ କମ୍ୟୁନିକେଶନ (ଆଇଇସି) ଫଣ୍ଡରେ ଏକତ୍ରିକରଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମିଶନ ଶକ୍ତି, କଳାକାର ସଂଘ ଓ ରୂପାନ୍ତରିତ ବିଦ୍ୟାଳୟର ମିଳିତ ସହଯୋଗରେ କଳା ପାରଦର୍ଶିତା ବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମ୍ପାଦନାରେ ଅନୁଷ୍ଠିତ ବୈଠକରେ ଡେପୁଟି କଲେକ୍ଟର ଅନିତା ପାତ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ଜେନା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରାଜ ନାୟକ, ଷ୍ଟାଫ୍ କମିଟି ସଭାପତି ବିଶ୍ୱମୋହନ ମହାପାତ୍ର, ସମ୍ପାଦକ ବିଭୁତି ଭୂଷଣ ମହାପାତ୍ର, ରାଜେଶ ସୁବୁଦ୍ଧି, ଗୁରୁଗୋବିନ୍ଦ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା କଳା ସଂସ୍କୃତି ସଂଘ ଉପ ସଭାପତି ନିର୍ବାଚନ ହୋଇଥିଲା। ଏଥିରେ ଜ୍ଞାନପ୍ରିୟ କାନୁନ୍‌ଗୋ ଜିଲା ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଏହି ବୈଠକରେ ଜିଲାର ପ୍ରତ୍ୟେକ ବ୍ଲକର ବିକେଏସ୍‌ଏସ୍‌ର ଉପ ସଭାପତି ଉପସ୍ଥିତ ଥିଲେ।

# ଏମ୍‌ଏଲ୍‌ୟୁରେ କୋଭିଡ୍ ସ୍ଥିତି ସମୀକ୍ଷା କଲେ ମେୟର



ମେୟର ସୁବାସ ସିଂ ପରୀକ୍ଷା ହଲରେ ସ୍ଥିତି ସମୀକ୍ଷା କରୁଛନ୍ତି।

କଟକ ଅଫିସ, ୮।୭

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ (ଏମ୍‌ଏଲ୍‌ୟୁ)ରେ ସିଏମ୍‌ସି ମେୟର ସୁବାସ ସିଂ ଶୁକ୍ରବାର କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟର ଏକାଧିକ ଅଧ୍ୟାପକ କୋଭିଡ୍ ଆକ୍ରାନ୍ତ ହେବା ପରେ ଗୁରୁବାର ଛାତ୍ରୀଛାତ୍ରମାନେ ମପରୀକ୍ଷା ବର୍ଜନ କରିଥିଲେ। ପରେ ସେମାନେ ସମସ୍ୟା ସମ୍ପର୍କରେ ମେୟରଙ୍କୁ ଜଣାଇଥିଲେ। ଶୁକ୍ରବାର ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଚାଲୁଥିବାବେଳେ ମେୟର ସିଂ ଓ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପହଞ୍ଚି କୋଭିଡ୍ ସ୍ଥିତି ସମୀକ୍ଷା କରିଥିଲେ। ପ୍ରତିଦିନ ପରୀକ୍ଷା ସରିବା ପରେ ହଲ୍‌କୁ ସାନିଟାଇଜ କରିବା ପାଇଁ ମେୟର କହିଥିଲେ। ଏହି ପରିଦର୍ଶନ ସମୟରେ ଅଧ୍ୟକ୍ଷ ସୁକାନ୍ତ କୁମାର ନନ୍ଦ, ରାଜୀବ ମହାନ୍ତିଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ଭାରତ ଓ ଲାଓସ୍‌ର ସାଂସ୍କୃତିକ ସହଯୋଗ ବୃଦ୍ଧି ହେବ




**ଇସ୍‌କଫ୍-ଲିଫା ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ**

କଟକ ଅଫିସ, ୮।୭

ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସ୍‌କଫ) ଏବଂ ଲିଫା (ଲାଓ-ଭାରତ ମୈତ୍ରୀ ସଂଘ) ମଧ୍ୟରେ ୫ ବର୍ଷୀୟା ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଭାରତ ଏବଂ ଲାଓସ୍ ଜନସାଧାରଣଙ୍କ ମଧ୍ୟରେ ମୈତ୍ରୀ ଓ ସାଂସ୍କୃତିକ ସହଯୋଗ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବା ନିମନ୍ତେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ କରାଯାଇଛି। ମୈତ୍ରୀ ଚୁକ୍ତି ସମ୍ପାଦନ ଉତ୍ସବରେ ଲାଓସ୍‌ରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଉପସ୍ଥିତ ଥିଲେ। ଇସ୍‌କଫର ସାଧାରଣ ସମ୍ପାଦକ ତଥା କଟକ ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢିହାରୀ ଏକ ସର୍ବଭାରତୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇ ଲାଓସ୍ ଯାତ୍ରା କରିଥିଲେ। ପଢିହାରୀଙ୍କ ଏହି ଯାତ୍ରା ସମୟରେ ଇସ୍‌କଫ ଓ ଲିଫା ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ପୂର୍ବରୁ ଲାଓସ୍‌ର ବୈଦେଶିକ ମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ସହ ପଢିହାରୀ ଆଲୋଚନା କରିଥିଲେ।

# ବିଚ୍ଛିନ୍ନାଞ୍ଚଳ ଗଲା 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା

ଭୁବନେଶ୍ୱର,୮।୭(ବ୍ୟୁରୋ)

ରଥଯାତ୍ରା ଅବସରରେ ରାଜ୍ୟ ସରକାରଙ୍କ ମୁଖପତ୍ର 'ଉତ୍କଳ ପ୍ରସଙ୍ଗ'ର 'ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା' ପ୍ରକାଶ ପାଇଛି। ଝାଡ଼ଖଣ୍ଡ ତଥା ଓଡ଼ିଶାର ସୀମାବର୍ତ୍ତୀ ବିଚ୍ଛିନ୍ନାଞ୍ଚଳରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମହାନ୍ ସଂସ୍କୃତି ଓ ମହିମା ସହିତ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ସଂଖ୍ୟାକୁ ସ୍ୱତନ୍ତ୍ର ଗାଡ଼ିରେ ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡର ଷଢେଇକଳା, ଖରସୁଆଁ, ଚାଇଁବସା, ଚକ୍ରଧରପୁର ଆଦି ଅଞ୍ଚଳରେ ଏହାକୁ ବଣ୍ଟନ କରାଯିବ।

ଶୁକ୍ରବାର ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ପ୍ରମୁଖ ପତାକା ହଲାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରାବନ୍ଧିକ ଡ. ଭାସ୍କର ମିଶ୍ର, ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ବିଭାଗର ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ କୁମାର ମଲ୍ଲିକ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଏବଂ ଲୋକସମ୍ପର୍କ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯାତ୍ରାରେ ବିଭାଗର ଦୁଇଜଣ ସ୍ୱତନ୍ତ୍ର ଅଧିକାରୀ ଅଛନ୍ତି। ସେମାନେ ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସାକ୍ଷାତ କରି ଉତ୍କଳ ପ୍ରସଙ୍ଗର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟାକୁ ବଣ୍ଟନ କରିବେ। ଏଥି ସହିତ ସେମାନଙ୍କ ସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଭାବ ବିନିମୟ କରିବେ। ସେହିପରି ଆଗାମୀ ଦିନରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସୀମାବର୍ତ୍ତୀ ଟିକାଲି, ମଞ୍ଜୁଷା ଆଦି ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଭଉଣୀଭାଇଙ୍କ ପାଇଁ ଖୁବ୍‌ଶୀଘ୍ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ଉତ୍କଳ ପ୍ରସଙ୍ଗ ପ୍ରେରଣ କରାଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୧୪ରୁ ଓଡ଼ିଶାର ସୀମାବର୍ତ୍ତୀ ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶର ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଭଉଣୀଭାଇଙ୍କ ପାଇଁ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିଉପରେ ଆଧାରିତ ଉତ୍କଳ ପ୍ରସଙ୍ଗର ସ୍ୱତନ୍ତ୍ର ରଥଯାତ୍ରା ସଂଖ୍ୟା ପଠାଯାଇଆସୁଛି। ତେବେ କୋଭିଡ କଟକଣା ପରିପ୍ରେକ୍ଷୀରେ ଏହି ଯାତ୍ରା ବନ୍ଦ ରହିଥିଲାବେଳେ ଏବେ ପୁନଃ ଆରମ୍ଭ ହୋଇଛି।



ବିଚ୍ଛିନ୍ନାଞ୍ଚଳକୁ 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ନେଇ ଯାଉଥିବା ଗାଡ଼ିକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

